ସକାଳ
THE SAKALA
ସିନ୍ଦୂରା
ରବିବାର
ଜୁଲାଇ ୧୯-୨୫, ୨୦୨୬
www.sakalaepaper.com



- ଇଥାନଲ୍ ସୁରାରୁ ଇଞ୍ଜିନ
- ଭାରତର ଅର୍ଥନୀତି ଓ ଇ-୨୦ ଇନ୍ଧନ
- ବ୍ୟବହାର ଓ ସଂଶୟ
- ଇଥାନଲ୍ ବିବାଦ
- ଇଥାନଲ୍ ମିଶ୍ରିତ ପେଟ୍ରୋଲ ଲାଭ ଓ ଆଶଙ୍କା




ଇଥାନଲ ମିଶ୍ରିତ ପେଟ୍ରୋଲ ବ୍ୟବହାରକୁ ନେଇ ସରଗରମ ଆଲୋଚନା ହେଉଛି । ଇଥାନଲ ହେଉଛି ଏକ ଜୈବ ଇନ୍ଧନ । ବିଶେଷ କରି ଆଖୁ, ମକା, ଗହମ ଆଦି କୃଷି ଉତ୍ପାଦରୁ ଏହା ତିଆରି ହୋଇଥାଏ । ବର୍ତ୍ତମାନ ଭାରତରେ ଇ୨୦ ପେଟ୍ରୋଲ ବ୍ୟବହାରକୁ ନେଇ ଦେଖାଦେଇଛି ସଂଶୟ । କାରଣ ଇ୨୦ ହେଉଛି ୨୦ ପ୍ରତିଶତ ଇଥାନଲ ଓ ୮୦ ପ୍ରତିଶତ ସାଧାରଣ ପେଟ୍ରୋଲର ମିଶ୍ରିତ ପେଟ୍ରୋଲ । ଇ୨୦ ବ୍ୟବହାର କଲେ ଗାଡ଼ି କମ୍ ମାଇଲେଜ୍ ଦେବା, ଇଞ୍ଜିନ ଖରାପ ହେଉଥିବା ଅଭିଯୋଗ ହେଉଛି । ସେପଟେ ବିଦେଶରୁ କଞ୍ଚା ତୈଳ ଆମଦାନି ହ୍ରାସ, ବୈଦେଶିକ ମୁଦ୍ରା ସଞ୍ଚୟ, ପରିବେଶ ପ୍ରଦୂଷଣ ହ୍ରାସ, ଦେଶର ଶକ୍ତି ଆତ୍ମନିର୍ଭରଶୀଳତା ବୃଦ୍ଧି ପାଇଁ ଯାନବାହନରେ ଇଥାନଲ ମିଶ୍ରିତ ପେଟ୍ରୋଲ ବ୍ୟବହାର ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି । ଗୋଟିଏ ପଟେ ସରକାର ଇ୨୦ର ସଫଳ ରୂପାୟନ ପାଇଁ ଦୃଢ଼ ପଦକ୍ଷେପ ନେଉଛନ୍ତି, ଅନ୍ୟପଟେ ଏହାକୁ ନେଇ ବିବାଦ ତେଜିବାରେ ଲାଗିଛି । ଏହି ପରିପ୍ରେକ୍ଷୀରେ ଇଥାନଲ ମିଶ୍ରିତ ପେଟ୍ରୋଲର ଉପକାରିତା ଓ ଅପକାରିତାକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ପ୍ରତିବେଦନ ।

ପ୍ରସ୍ତୁତି 'ସକାଳ ବ୍ୟୁରୋ

# ମିଶନ ଇ-୨୦



ଭାରତୀୟ ବଜାରକୁ ଆସିଛି ଇ୨୦ ବା ଇଥାନଲ ମିଶ୍ରିତ ପେଟ୍ରୋଲ । ବିଭିନ୍ନ କୃଷି ଉତ୍ପାଦରୁ ଇଥାନଲ ତିଆରି ହେଉଛି । ଏହାକୁ ଇଥାଇଲ ଆଲ୍‌କହଲ୍ କୁହାଯାଏ । ବର୍ତ୍ତମାନ ପେଟ୍ରୋଲ, ଡିଜେଲ ଆଦି ପାରମ୍ପରିକ ଜୀବାଶ୍ମ ଇନ୍ଧନର ବିକଳ୍ପ ରୂପେ ଇଥାନଲ ବେଶ୍ ଗୁରୁତ୍ୱପୂର୍ଣ୍ଣ । ଏହା ପାରଦର୍ଶୀ, ରଙ୍ଗହୀନ ଓ ଜ୍ୱଳନଶୀଳ ଇନ୍ଧନ । ଇଥାନଲ ଇନ୍ଧନ କେବଳ ପରିବେଶ ପାଇଁ ଉପଯୋଗୀ ନୁହେଁ, ବରଂ ଦେଶର ଶକ୍ତି ଆତ୍ମନିର୍ଭରତାକୁ ମଧ୍ୟ ବୃଦ୍ଧି କରିବ । ଇଥାନଲକୁ ପେଟ୍ରୋଲ ସହିତ ମିଶାଇ ଯାନବାହନରେ ଇନ୍ଧନ ରୂପେ ବ୍ୟବହାର କରାଯାଉଛି । ଭାରତରେ ଏହାକୁ 'ଇଥାନଲ ବ୍ଲେଣ୍ଡେଡ୍ ପେଟ୍ରୋଲ' କୁହାଯାଉଛି । ତେବେ ଗାଡ଼ିମୋଟରରେ ଇ୨୦ ପେଟ୍ରୋଲ ବ୍ୟବହାରକୁ ନେଇ ଅନେକ ଅଭିଯୋଗ ମଧ୍ୟ ଆସିଛି । ଇଥାନଲ ମିଶ୍ରିତ ପେଟ୍ରୋଲ ବ୍ୟବହାର ଫଳରେ ଗାଡ଼ିଗୁଡ଼ିକ କମ୍ ମାଇଲେଜ୍ ଦେବା, ଇଞ୍ଜିନ ଖରାପ ହୋଇଯିବା ଆଦି ଅଭିଯୋଗକୁ ନେଇ ଚର୍ଚ୍ଚା ଜୋର୍ ଧରିଛି । ଏହି ପରିପ୍ରେକ୍ଷୀରେ ଇଥାନଲର ବ୍ୟବହାର, ଏହାର ଉପକାରିତା, ଅପକାରିତା ଆଦି ବିଭିନ୍ନ ଦିଗକୁ ନେଇ ପ୍ରସ୍ତୁତ ଏଇ ସ୍ୱତନ୍ତ୍ର ଉପସ୍ଥାପନା ।

## ଇ-୨୦ ପେଟ୍ରୋଲର ଚାହିଦା

ଇଥାନଲ ଏକ ପ୍ରକାର ଜୈବ ଆଲକୋହଲ । ଇ୨୦ ପେଟ୍ରୋଲ ହେଉଛି ଇଥାନଲ ମିଶ୍ରିତ ଇନ୍ଧନ । ଏଥିରେ ୨୦ ପ୍ରତିଶତ ଜୈବ ଇନ୍ଧନ ଇଥାନଲ୍ ଓ ୮୦ ପ୍ରତିଶତ ଜୀବାଶ୍ମ ଇନ୍ଧନ ପେଟ୍ରୋଲ ମିଶି ଥାଏ । ଇଥାନଲ ଏକ ନବୀକରଣୀୟ ଇନ୍ଧନ । ଏହା ଆଖୁ, ମକା ଓ ଗହମ ଆଦି କୃଷି ଉତ୍ପାଦିତ ଶସ୍ୟରୁ ତିଆରି ହୋଇଥାଏ । ରସାୟନ ବିଜ୍ଞାନର ପଦ୍ଧତି ଅନୁସାରେ $C_2H_5OH$କୁ ସାଧାରଣତଃ ଇଥାନଲ କୁହାଯାଏ । ସାଧାରଣ ପେଟ୍ରୋଲଠାରୁ ଏହା ଅଲଗା । ଇଥାନଲରେ ଅକ୍ସିଜେନ୍ ଥାଏ । ତେଣୁ ଜ୍ୱଳନ ପ୍ରକ୍ରିୟାରେ ଏହା ପୂରା ସହଯୋଗ କରିଥାଏ । ଗତ କିଛି ବର୍ଷ ଧରି ଭାରତରେ ଧୀରେ ଧୀରେ ଇଥାନଲ ଉତ୍ପାଦନ ବୃଦ୍ଧି ପାଇବାରେ ଲାଗିଛି । ଏହି ମିଶ୍ରିତ ପେଟ୍ରୋଲ ଦ୍ୱାରା ଗୁଣବତ୍ତା ବୃଦ୍ଧି ପାଇ ପ୍ରାୟ ୯୫ ପ୍ରତିଶତ ହୋଇଥାଏ । ଫଳରେ ଗାଡ଼ିମୋଟରଗୁଡ଼ିକର ଇଞ୍ଜିନ ସ୍ୱାଭାବିକ ଭାବେ କାର୍ଯ୍ୟକ୍ଷମ ହୋଇଥାଏ । ୨୦୨୩ ଅପ୍ରେଲରୁ ତିଆରି ହୋଇଥିବା ବିଏସ୍୬ ଫେଜ୍-୨ ଗାଡ଼ିଗୁଡ଼ିକରେ ଇ୨୦ ପେଟ୍ରୋଲ ଇନ୍ଧନ ଅନୁଯାୟୀ ଡିଜାଇନ୍ କରାଯାଇଛି । ତେଣୁ ଏହି ଗାଡ଼ିଗୁଡ଼ିକରେ ନୂଆ ପେଟ୍ରୋଲ ବ୍ୟବହାର କଲେ କୌଣସି ଅସୁବିଧା ହେଉ ନାହିଁ । ପାସେଞ୍ଜର ଗାଡ଼ି, ପରିବହନ ଗାଡ଼ି, ଟ୍ରକ୍, ବାଇକ୍ ଆଦି ଯାନବାହନରେ ଏହା ବ୍ୟବହାର କରାଯାଇ ପାରିବ । ଦେଶର ବିଭିନ୍ନ ସହରରେ ପେଟ୍ରୋଲ ପମ୍ପଗୁଡ଼ିକରେ ଏହା ବିକ୍ରି ହେଉଛି ।

## ପ୍ରଦୂଷଣ ହ୍ରାସ

ସାଧାରଣ ପେଟ୍ରୋଲ ତୁଳନାରେ ଇଥାନଲରେ ଅଧିକ ସ୍ୱଚ୍ଛ ଜ୍ୱଳନ ହୋଇଥାଏ । ଫଳରେ କାର୍ବନ ମୋନୋଅକ୍ସାଇଡ୍ ନିର୍ଗମ କମ୍ ହୋଇଥାଏ । ଯାନବାହନରୁ ସୃଷ୍ଟି ହେଉଥିବା ପ୍ରଦୂଷଣ ଖରାପ ବାୟୁ କ୍ୱାଲିଟିର ଏକ ବଡ଼ କାରଣ । ଇ୨୦ ପାରମ୍ପରିକ ବା ସାଧାରଣ ପେଟ୍ରୋଲ ତୁଳନାରେ ଅଧିକ ସ୍ୱଚ୍ଛ ଓ ଉତ୍ତମ ଗୁଣବତ୍ତାଯୁକ୍ତ ଇନ୍ଧନ । ଏଥିରେ କାର୍ବନ ନିର୍ଗତ କମ୍ ହେଉଥିବାରୁ ପରିବେଶ ପ୍ରଦୂଷଣ ହ୍ରାସ ହୋଇଥାଏ ।

## ଉତ୍ତମ ପ୍ରଦର୍ଶନ ଓ ପିକ୍‌ଅପ୍ ବୃଦ୍ଧି

ଇ-୨୦ ପେଟ୍ରୋଲର ଦହନଶୀଳ ହାଇଡ୍ରୋକାର୍ବନ ଅଧିକ ଉତ୍କର୍ଷ । ତେଣୁ ଇ୨୦ ବ୍ୟବହାର ଦ୍ୱାରା ଗାଡ଼ିର ପିକଅପ୍ ଅଧିକ ଭଲ ରହିଥାଏ । ବେଗ ବୃଦ୍ଧିକୁ ଆହୁରି ସହଜ କରିଥାଏ । ସେହିପରି ଇ୨୦ ପେଟ୍ରୋଲ ବ୍ୟବହାର ଯୋଗୁଁ ଇଞ୍ଜିନର ଭିତର ଅଂଶର ଦହନ ଭଲ ଭାବେ ହୋଇଥାଏ । ଫଳରେ ଇଞ୍ଜିନ ଭିତର ପୂରା ସ୍ୱଚ୍ଛ ରହିଥାଏ । ତେଣୁ ଇଞ୍ଜିନ ଦୀର୍ଘସ୍ଥାୟୀ ଭାବେ କାର୍ଯ୍ୟ କରିଥାଏ ।

## ଇ-୨୦ ପ୍ରଚଳନର ଉଦ୍ଦେଶ୍ୟ

ଇଥାନଲ ଏକ ନବୀକରଣୀୟ ଶକ୍ତିର ଉତ୍ସ । ପେଟ୍ରୋଲ ତୁଳନାରେ ଏଥିରୁ କମ୍ କାର୍ବନ ଡାଇଅକ୍ସାଇଡ୍ ନିର୍ଗତ ହୋଇଥାଏ । ବିଶ୍ୱର ସବୁଠାରୁ ଅଧିକ କଞ୍ଚା ତୈଳ ଓ ପେଟ୍ରୋଲିୟମ୍ ଉତ୍ପାଦ ବ୍ୟବହାରକାରୀ ଦେଶ ମଧ୍ୟରେ ଭାରତର ସ୍ଥାନ ତୃତୀୟ । ଦେଶର ତୈଳ ଆମଦାନି ହ୍ରାସ କରିବା ପାଇଁ ସରକାର ଏହି ପଦକ୍ଷେପ ନେଇଛନ୍ତି । ଏହା ସହିତ କାର୍ବନ ଡାଇଅକ୍ସାଇଡ୍ ନିର୍ଗତ ହ୍ରାସ ଓ କୃଷକମାନଙ୍କ ଅତିରିକ୍ତ ଆୟର ପନ୍ଥା ସୃଷ୍ଟି ନିମନ୍ତେ ଇ୨୦ ପେଟ୍ରୋଲ ବ୍ୟବହାର ଉପରେ ସରକାର ଗୁରୁତ୍ୱ ପ୍ରଦାନ କରୁଛନ୍ତି । ୨୦୩୦ ମସିହା ସୁଦ୍ଧା ୨୦ ପ୍ରତିଶତ ଇଥାନଲ ମିଶ୍ରିତ ପେଟ୍ରୋଲ ଦେଶରେ ବିକ୍ରି କରିବା ପାଇଁ ୨୦୧୮ ମସିହାରେ ଭାରତ ସରକାର ନିଷ୍ପତ୍ତି ନେଇଥିଲେ । ପରେ ଏହି ସମୟ ସୀମାକୁ ୫ ବର୍ଷ ହ୍ରାସ କରି ୨୦୨୫ ମସିହା କରାଯାଇଥିଲା । ୨୦୨୫ ମସିହା ୪ ଫେବୃଆରୀକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇ୨୦ ପେଟ୍ରୋଲର ଲଞ୍ଚ କରିଥିଲେ । ତେବେ ଏହା ପୂର୍ବରୁ ୨୦୨୨ ମସିହାରେ ଦେଶରେ ପେଟ୍ରୋଲରେ ୧୦ ପ୍ରତିଶତ ଇଥାନଲ ମିଶାଇବାକୁ ଯୋଜନା ପୂରା କରାଯାଇଥିଲା ।

ଔଷଧ, ପରଫ୍ୟୁମ୍, ସାନିଟାଇଜର୍ ଓ ରାସାୟନିକ ପଦାର୍ଥ ତିଆରିରେ ଇଥାନଲର ବ୍ୟବହାର କରାଯାଇଥାଏ । ଏପରିକି ପୂର୍ବରୁ ଇଥାନଲରେ ମଦ ପ୍ରସ୍ତୁତ କରାଯାଉଥିଲା । ଭାରତ ସରକାର ଇଥାନଲକୁ ପ୍ରୋତ୍ସାହନ ଦେବା ପାଇଁ 'ଇ୨୦ ଇନ୍ଧନ ନୀତି' ପ୍ରଚଳନ କରିଛନ୍ତି । ୨୦୩୦ ସୁଦ୍ଧା ପେଟ୍ରୋଲରେ ୨୦ ପ୍ରତିଶତ ଇଥାନଲ ମିଶାଇବାର ଲକ୍ଷ୍ୟ ରଖିଛନ୍ତି । ଫଳରେ ପେଟ୍ରୋଲ ଉପରେ ନିର୍ଭରତା ହ୍ରାସ, ବିଦେଶୀ ମୁଦ୍ରା ସଞ୍ଚୟ, କୃଷକଙ୍କ ଫସଲକୁ ଉପଯୁକ୍ତ ଦାମ ମିଳିବ । ଇଥାନଲ ଏକ ସ୍ୱଚ୍ଛ,ସବୁଜ ଓ ଦୀର୍ଘସ୍ଥାୟୀ ଶକ୍ତିର ଉତ୍ସ । ପରିବେଶ ସୁରକ୍ଷା, ଆର୍ଥିକ ସଶକ୍ତିକରଣ ଏବଂ ଶକ୍ତି ଆତ୍ମନିର୍ଭରତା ଦିଗରେ ଏକ ବଡ଼ ପଦକ୍ଷେପ । ଯଦି ପ୍ରକୃତ ଉଦ୍ଦେଶ୍ୟ ଓ ନୀତି ସମର୍ଥନ ମିଳିବ, ତେବେ ଭବିଷ୍ୟତରେ ଇନ୍ଧନ ପାଇଁ ଇଥାନଲ ଏକ ଯୁଗାନ୍ତକାରୀ ପଦକ୍ଷେପ ହେବ । ୨୦୦୧ ମସିହାରୁ ଭାରତରେ ଇଥାନଲର ଟ୍ରାୟଲ୍ ଆରମ୍ଭ ହୋଇଛି । ସରକାରୀ ତଥ୍ୟ ଅନୁଯାୟୀ, ୨୦୧୩-୧୪ ମସିହାରେ ପେଟ୍ରୋଲରେ ପ୍ରାୟ ୧.୫ ପ୍ରତିଶତ ଇଥାନଲ ମିଶା ଯାଉଥିଲା । ୨୦୨୨ ମସିହା ପର୍ଯ୍ୟନ୍ତ ଏହା ୧୦ ପ୍ରତିଶତରେ ପହଞ୍ଚି ଥିଲା । ୨୦୨୫ ମସିହାରେ ଏହା ୨୦ ପ୍ରତିଶତ ଇଥାନଲ ମିଶ୍ରିତ ଲକ୍ଷ୍ୟରେ ସଫଳତା ହାସଲ କରିଛି । ଇଥାନଲ-ପେଟ୍ରୋଲ ମିଶ୍ରିତ ଇନ୍ଧନ ବିକ୍ରି ଦ୍ୱାରା ୪୧,୫୦୦ କୋଟି ଟଙ୍କାର ବିଦେଶୀ ମୁଦ୍ରା ସଞ୍ଚୟ କରାଯାଇ ପାରିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଉଛି । ଇଥାନଲ ବିକ୍ରି ଦ୍ୱାରା କମ୍ ପରିମାଣର କଞ୍ଚା ତୈଳ ବିଦେଶରୁ ଆମଦାନି କରିବାକୁ ପଡ଼ିବ ।

## ବିବାଦରେ ଇଥାନଲ

ଇ-୨୦ ପେଟ୍ରୋଲକୁ ନେଇ ଥମୁନି ବିବାଦ । ଇଥାନଲ ବ୍ୟବହାର ଯୋଗୁଁ ଗାଡ଼ିର ଇଞ୍ଜିନ ଖରାପ ହେଉଥିବା, କମ୍ ମାଇଲେଜ୍ ଦେବା ଆଦି ବିଭିନ୍ନ ଅଭିଯୋଗ ହୋଇଆସୁଛି । ତେବେ ସରକାର କେତେକ ଅଭିଯୋଗକୁ ସ୍ୱୀକାର କରି ଦ୍ୱନ୍ଦ୍ୱ ଉପରୁ ପର୍ଦ୍ଦା ହଟାଇଛନ୍ତି । ଅଭିଯୋଗ ସଂପର୍କରେ ପେଟ୍ରୋଲିୟମ୍ ମନ୍ତ୍ରାଳୟ ପକ୍ଷରୁ ସ୍ପଷ୍ଟୀକରଣ ଦେଇ କୁହାଯାଇଛି ଯେ, ଇ୨୦ ପେଟ୍ରୋଲ ଅର୍ଥାତ ୨୦ ପ୍ରତିଶତ ଇଥାନଲ ମିଶ୍ରିତ ପେଟ୍ରୋଲ ବ୍ୟବହାର ଦ୍ୱାରା ଗାଡ଼ିଗୁଡ଼ିକର ମାଇଲେଜ୍ ୩ରୁ ୫ ପ୍ରତିଶତ ପର୍ଯ୍ୟନ୍ତ ଟିକିଏ କମ ହୋଇପାରେ । ତେବେ ଏହି କ୍ଷତି ଅପେକ୍ଷା ଲାଭ ଅଧିକ ରହିଛି ।" ସେପଟେ ପେଟ୍ରୋଲ ପମ୍ପଗୁଡ଼ିକରେ ସାଧାରଣ ପେଟ୍ରୋଲ, ଇ୧୦ ଓ ଇ୨୦ ଅଲଗା ଅଲଗା ବିକ୍ରି ପାଇଁ ଦାବିକୁ ସରକାର ଖାରଜ କରିଦେଇଛନ୍ତି । ପୂର୍ବରୁ ବ୍ୟବହୃତ ଇ୧୦ ପେଟ୍ରୋଲ ଅପେକ୍ଷା ଇ୨୦ ପେଟ୍ରୋଲ ଅଧିକ ସ୍ୱଚ୍ଛ ଓ ଅଧିକ ଉତ୍ତମମାନର ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି । ବର୍ଷ ବର୍ଷ ଧରି ବୈଜ୍ଞାନିକଙ୍କ ଯାଞ୍ଚ ଓ କାର-ବାଇକ୍ କମ୍ପାନିଗୁଡ଼ିକର ପରାମର୍ଶ ପରେ ପୂରା ଦେଶରେ ଏହାର ଶୁଭାରମ୍ଭ କରାଯାଇଥିଲା ।

## ସର୍ତକତା

ଯଦି ପୁରୁଣା ଗାଡ଼ିରେ ଇ୨୦ ପେଟ୍ରୋଲ ବ୍ୟବହାର କରୁଛନ୍ତି କେତେକ ସତର୍କତା ଅବଲମ୍ବନ କରିବା ଆବଶ୍ୟକ । ଫଳରେ ଇ୨୦ ପେଟ୍ରୋଲ ଦ୍ୱାରା ନିଜ ଗାଡ଼ିକୁ ହେବାକୁ ଥିବା କ୍ଷତିକୁ ହ୍ରାସ କରାଯାଇପାରେ ।

- ରବର ପାଇପ୍ ବଦଳରେ ଇ୨୦ ସୁବିଧାଜନକ ପାଇପ୍ ଲଗାନ୍ତୁ ।
- ଇନ୍ଧନ ଫିଲଟର୍ ନିର୍ଦ୍ଧାରିତ ସମୟ ପୂର୍ବରୁ ପରିବର୍ତ୍ତନ କରିବା ଜରୁରି । କାରଣ ମଇଳା ଇଞ୍ଜିନ ପର୍ଯ୍ୟନ୍ତ ପହଞ୍ଚିପାରିବ ନାହିଁ ।
- ଗାଡ଼ିର ତେଲ ଟାଙ୍କି ଖାଲି ରଖିବା ଉଚିତ ନୁହେଁ । ଅଧିକ ସମୟ ଟାଙ୍କି ଖାଲି ରହିଲେ ଆର୍ଦ୍ରତା ରହିବାର ସମ୍ଭାବନା ବୃଦ୍ଧି ପାଇଥାଏ ।
- ଗାଡ଼ିକୁ ନିୟମିତ ଚଲାଇବାକୁ ଚେଷ୍ଟା କରିବା ଉଚିତ । ଦୀର୍ଘ ସମୟ ଧରି ଗାଡ଼ି ଅବ୍ୟବହୃତ ହୋଇ ରହିବା ଦ୍ୱାରା ସମସ୍ୟା ବୃଦ୍ଧି ପାଇଥାଏ ।

## ପୁରୁଣା ଗାଡ଼ି ପାଇଁ କ୍ଷତିକାରକ !

ପୁରୁଣା ଗାଡ଼ିରେ ଇ୨୦ ପଟ୍ରୋଲ ବ୍ୟବହାର କରିବା ଉପରେ ପେଟ୍ରୋଲିୟମ୍ ମନ୍ତ୍ରାଳୟ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି । ଏହି ପଟ୍ରୋଲ ପୁରୁଣା ଗାଡ଼ିରେ ବ୍ୟବହାର କରିବା ପୂର୍ବରୁ ଏହାର ବିଭିନ୍ନ ପ୍ରକାର ପରୀକ୍ଷଣ କରାଯାଇଛି । ଏହା ଦ୍ୱାରା କୌଣସି ଇଞ୍ଜିନ ଖରାପ ହୋଇ ନାହିଁ । ମାରୁତି ସୁଜୁକି ଏବଂ ହିରୋ ମୋଟୋକାର୍ପ ଭଳି ବଡ଼ ବଡ଼ କମ୍ପାନିର କୌଣସି ଗାଡ଼ିରେ ଏହି ପେଟ୍ରୋଲ ବ୍ୟବହାର ଯୋଗୁଁ କଳଙ୍କି ଲାଗିବା ବା କୌଣସି ଅଂଶ ଖରାପ ହେବାର ଅଭିଯୋଗ ଆସି ନାହିଁ ବୋଲି ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ।

## ଦାବି ଖାରଜ

କିଛି ଲୋକ ଦାବି କରୁଥିଲେ ପେଟ୍ରୋଲ ପମ୍ପଗୁଡ଼ିକରେ ସାଧାରଣ ପେଟ୍ରୋଲ, ଇ୧୦ ଓ ଇ୨୦ ତିନି ପ୍ରକାର ଅଲଗା ଅଲଗା ମିଳିବା ଉଚିତ । ତେବେ ଏହି ଦାବିକୁ ପେଟ୍ରୋଲିୟମ୍ ମନ୍ତ୍ରାଳୟ ପକ୍ଷରୁ ଖାରାଜ କରି କୁହାଯାଉଛି ଯେ, ଦେଶରେ ଏକ ଲକ୍ଷରୁ ଅଧିକ ପେଟ୍ରୋଲ ପମ୍ପ ରହିଛି । ସବୁ ପମ୍ପକୁ ତିନି ପ୍ରକାର ଅଲଗା ଅଲଗା ପେଟ୍ରୋଲ ଯୋଗାଣ କରିବା ବହୁତ କଷ୍ଟକର । ଏହା ଦ୍ୱାରା ଖର୍ଚ୍ଚ ମଧ୍ୟ ବହୁତ ବଢ଼ିବ । ତେଣୁ ଲୋକଙ୍କ ଏଭଳି ଦାବିକୁ ପେଟ୍ରୋଲିୟମ୍ ମନ୍ତ୍ରାଳୟ ପକ୍ଷରୁ ଖାରଜ କରି ଦିଆଯାଇଛି ।




## ଇ-୨୦ ପେଟ୍ରୋଲର ଦାମ

ଅନେକ ଲୋକଙ୍କ ଧାରଣା ଯେ, ସାଧାରଣ ପେଟ୍ରୋଲ ତୁଳନାରେ ଇ୨୦ ପେଟ୍ରୋଲ ଶସ୍ତା ହେବ । ଏହାକୁ ପେଟ୍ରୋଲିୟମ୍ ମନ୍ତ୍ରାଳୟ ପକ୍ଷରୁ ଖାରଜ କରି ଦିଆଯାଇଛି । ଇ୨୦ ପେଟ୍ରୋଲ ଶସ୍ତାରେ ମିଳିବ ନାହିଁ । କାରଣ ଇଥାନଲକୁ ଉଚିତ୍ ଦାମ ଦେଇ କୃଷକମାନଙ୍କଠାରୁ କିଣିବା ଦ୍ୱାରା ସେମାନେ ଲାଭବାନ ହେବେ । ସରକାରଙ୍କ ଉଦ୍ଦେଶ୍ୟ ପେଟ୍ରୋଲ ଦାମ୍ କମ୍ କରିବା ନୁହେଁ, ବରଂ କଞ୍ଚା ତୈଳ ପାଇଁ ଅନ୍ୟ ଦେଶ ଉପରେ ଭାରତର ନିର୍ଭରକୁ ହ୍ରାସ କରିବା । ଫଳରେ ଦେଶର ଶକ୍ତି ସୁରକ୍ଷିତ ଓ ଶକ୍ତିଶାଳୀ ହୋଇପାରିବ ।

ତଥ୍ୟ ଅନୁସାରେ ୨୦୧୪-୧୫ ମସିହାରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଯୋଗୁଁ ଭାରତ ଅନ୍ୟ ଦେଶରୁ କଞ୍ଚା ତୈଳ କିଣିବାରେ ୧.୯୭ ଲକ୍ଷ କୋଟି ଟଙ୍କା ସଂଚୟ କରିପାରିଛି । ପ୍ରାୟ ୩୧୬ ଲକ୍ଷ ଟନ କଞ୍ଚା ତୈଳ ଆମଦାନି କମ୍ ହୋଇଛି । ସେହିପରି ଦେଶରେ କୃଷକମାନେ ୧.୬୬ ଲକ୍ଷ କୋଟି ଟଙ୍କା ଅଧିକ ଆୟ କରିପାରିଛନ୍ତି । ତେଣୁ ଏହି ନୂଆ ପେଟ୍ରୋଲକୁ ନେଇ ହେଉଥିବା ଅପଚାରକୁ ଗୁରୁତ୍ୱ ନଦେବାକୁ ମନ୍ତ୍ରାଳୟ ପକ୍ଷରୁ ଲୋକଙ୍କୁ ଅନୁରୋଧ କରାଯାଇଛି ।

୨୦୨୩ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦ ପ୍ରତିଶତ ଇଥାନଲ ମିଶ୍ରିତ ପେଟ୍ରୋଲର ଶୁଭାରମ୍ଭ କରିଥିଲେ । ସରକାର ଭାରତରେ ବିକ୍ରି କରୁଥିବା ପେଟ୍ରୋଲରେ ୨୦ ପ୍ରତିଶତ ଇଥାନଲ ମିଶାଇବା ଲକ୍ଷ୍ୟରେ ସଫଳତା ହାସଲ କରିଥିବା ପେଟ୍ରୋଲିୟମ୍ ମନ୍ତ୍ରୀ ହରଦୀପ ସିଂହ ପୁରୀ କହିଛନ୍ତି ।

ଗୋଟିଏ ପଟେ ସରକାର ଇଥାନଲ ପେଟ୍ରୋଲର ସଫଳତା ସଂପର୍କ ବଖାଣୁଥିବା ବେଳେ ଅନ୍ୟପଟେ ଉପଭୋକ୍ତାମାନେ ଏହାକୁ ନେଇ ଦ୍ୱନ୍ଦ୍ୱରେ ପଡୁଛନ୍ତି । ଫଳରେ ଇ-୨୦ ପେଟ୍ରୋଲର ବ୍ୟବହାରକୁ ନେଇ ସାରା ଦେଶରେ ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଏପରିକି ଇ୨୦ ପେଟ୍ରୋଲ ବ୍ୟବହାରକୁ ନେଇ ବିବାଦ ସୁପ୍ରିମକୋର୍ଟରେ ପହଞ୍ଚିଛି । ତେବେ ଇ୨୦ ପେଟ୍ରୋଲ ବ୍ୟବହାରର ସଫଳତା ଆଗାମୀ ଦିନରେ ହିଁ ଜଣାପଡ଼ିବ ।









# ଇଥାନଲ ସୁରାରୁ ଇଞ୍ଜିନ

ଡକ୍ଟର ନରେନ୍ଦ୍ର ସେଠୀ

**ଆମ ପୁରାଣ ଗ୍ରନ୍ଥରେ ଦେବ ଲୋକରେ ଆନନ୍ଦ ଅନୁଭବ ପାଇଁ ସୁରା ପାନ କରିବା କଥା ଉଲ୍ଲେଖ ଅଛି । ଏହି ସୁରା ବା ମଦ୍ୟ ଅନ୍ୟ କିଛି ନୁହେଁ ବରଂ ବିଜ୍ଞାନ ଆଖିରେ ଏହା ଇଥାଇଲ ଆଲକହଲ ବା ଇଥାନଲ ମିଶ୍ରିତ ପାନୀୟ ଅଟେ । ତେଣୁ ଇଥାନଲର ଆବିଷ୍କାର କେଉଁ ଅନାଦି କାଳରୁ ମଣିଷ କରି ସାରିଛି । ଏହି ରହସ୍ୟମୟ ତରଳ ପଦାର୍ଥ ଆଜି ମଣିଷକୁ ତାର ଶକ୍ତି ଚାହିଦା ମେଣ୍ଟାଇବା ପାଇଁ ମଧ ବିନିଯୋଗ ହେଉଅଛି ।**

## ଐତିହାସିକ ଇଥାନଲ

ଯଦିଓ ଆଖୁ ରସକୁ ଅନେକ ଦିନ ରଖିବା ଦ୍ୱାରା ଇଷ୍ଟ ଦ୍ୱାରା ଫରମେଣ୍ଟେସନ୍ ହୋଇ ଶର୍କରା ଆଲକହଲରେ ପରିଣତ ହୋଇଥାଏ ବୋଲି ଅନେକ ଦିନ ପରେ ମଣିଷ ଜାଣିଲା । ସେଇଥିପାଇଁ ଆଲକହଲ ପ୍ରସ୍ତୁତି ପ୍ରଣାଳୀକୁ ମଣିଷର ପ୍ରଥମ ରାସାୟନିକ ଜୈବ ପ୍ରଯୁକ୍ତିବିଦ୍ୟା ଭାବରେ ବିବେଚନା କରାଯାଏ । ପ୍ରତ୍ନତାତ୍ତ୍ୱିକ ପ୍ରମାଣ ଅନୁସାରେ ୧୩,୦୦୦ ବର୍ଷ ପୂର୍ବେ ଇସ୍ରାଏଲର ହାଇଫା ନିକଟରେ ମଦ୍ୟପାନ ପ୍ରସ୍ତୁତ ହେଉଥିବାକୁ ସୂଚାଇଥାଏ, ଯାହା ମଣିଷ ଏବଂ ଇଥାନଲ ମଧ୍ୟରେ ପ୍ରାମାଣିକ ସମ୍ପର୍କର ଆରମ୍ଭ ଥିଲା । ଏହା ଭିତରେ ଥିବା ବିଜ୍ଞାନ ବିଷୟରେ ବିଶେଷ କିଛି ନଜାଣି ମଧ ପ୍ରାଚୀନ କାଳରେ ଉପଯୁକ୍ତ ପରିସ୍ଥିତିରେ ଶସ୍ୟ କିମ୍ବା ଫଳରେ ଥିବା ଶର୍କରାକୁ ଏକ ରହସ୍ୟମୟ ମାଦକ ପାନୀୟରେ ପରିଣତ କରିବାର ସୁରାକ ମଣିଷ ଜାଣିବାକୁ ପାଇଥିଲା । ଏହି ପାନୀୟ ଜ୍ୱଳନଶୀଳ ହୋଇଥିବାରୁ ଏହା ମଧ୍ୟରେ କୌଣସି ଅତି ବାଷ୍ପୀୟ ପଦାର୍ଥ ଅଛି ବୋଲି ପ୍ରାଚୀନ ସମୟର ଦାର୍ଶନିକମାନେ ଜାଣିସାରିଥିଲେ । ରାସାୟନ ବିଜ୍ଞାନର ଜନକ ପର୍ସିଆନ ରସାୟନବିଦ୍ ଜାବିର ଇବନ୍ ହାୟାନ୍ ପ୍ରଥମ କରି ମଦ୍ୟ ପାନୀୟକୁ ଗରମ କରି ଇଥାନଲର ଏକ ଅଧିକ ଘନୀଭୂତ ରୂପ ପ୍ରସ୍ତୁତ କରିପାରିଥିଲେ ।







## ଇଥାନଲ ଓ ଜାଳେଣି

ଇଥାନଲର ପ୍ରଥମ ବ୍ୟବହାର ୧୮୨୬ ମସିହାରେ ଇଞ୍ଜିନକୁ ଶକ୍ତି ଦେବା ପାଇଁ ହୋଇଥିଲା । ୧୮୭୬ ମସିହାରେ ଆଧୁନିକ ଚାରି-ଚକ୍ର ଆଭ୍ୟନ୍ତରୀଣ ଦହନ ଇଞ୍ଜିନର ଉଦ୍ଭାବକ ନିକୋଲାସ୍ ଓଟୋ ଏକ ପ୍ରାରମ୍ଭିକ ଇଞ୍ଜିନକୁ ଶକ୍ତି ଦେବା ପାଇଁ ଇଥାନଲ ବ୍ୟବହାର କରିଥିଲେ । ୧୮୫୦ ଦଶକରେ ଇଥାନଲକୁ ଆଲୋକ ଇନ୍ଧନ ଭାବରେ ମଧ ବ୍ୟବହାର କରାଯାଇଥିଲା, କିନ୍ତୁ ଗୃହଯୁଦ୍ଧ ପାଇଁ ଏହା ଉପରେ ମଦ ଭଳି ଟିକସ ଲଗାଯିବା ପରେ ଏହାର ବ୍ୟବହାର ହ୍ରାସ ପାଇଥିଲା । ପରେ ଟିକସ ବାତିଲ ହେବା ପରେ ଇଥାନଲର ବ୍ୟବହାର ଇନ୍ଧନ ଭାବରେ ଜାରି ରହିଲା ଏବଂ ୧୯୦୮ ମସିହାରେ ହେନରୀ ଫୋର୍ଡଙ୍କ ବହୁ ଚର୍ଚ୍ଚିତ ମଡେଲଟି କାରର ଇନ୍ଧନ ଭାବେ ମଧ ବ୍ୟବହାର ହୋଇଥିଲା । ପେଟ୍ରୋଲ ଭଳି ଇଥାନଲ ଅତି ଜ୍ୱଳନଶୀଳ ହେବା ସହିତ ଉଭୟ କାର୍ବନ, ଅମ୍ଳଜାନ ଓ ହାଇଡ୍ରୋଜେନରେ ତିଆରି ହୋଇଥିବାରୁ ଉଭୟ ଭଲ ଭାବରେ ମିଶି ପାରନ୍ତି । ପେଟ୍ରୋଲ ସହିତ ମିଶ୍ରିତ ପ୍ରଥମ ଇଥାନଲ ୧୯୨୦ ଏବଂ ୧୯୩୦ ଦଶକରେ ହୋଇଥିଲା ଏବଂ ଇନ୍ଧନ ଅଭାବ ଯୋଗୁଁ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଏହାର ଚାହିଦା ଅଧିକ ଥିଲା । ତୈଳ ଅଭାବ ଓ ଚାହିଦା ମେଣ୍ଟାଇବା ପାଇଁ ଶହେ ବର୍ଷ ପୂର୍ବରୁ ପେଟ୍ରୋଲ ସହିତ ଇଥାନଲକୁ ମିଶ୍ରିତ କରିବା ଆରମ୍ଭ ହୋଇଛି । ୧୯୭୩ ମସିହାରେ ବୈଶ୍ୱିକ ତୈଳ ସଙ୍କଟର ସାମ୍ନା କରିବା ପାଇଁ ବ୍ରାଜିଲ ପେଟ୍ରୋଲ ସହିତ ଆଖୁରସ ତିଆରି ଇଥାନଲ ମିଶାଇବାକୁ ବାଧ୍ୟତାମୂଳକ କରିଥିଲା । ୧୯୯୦ ରୁ ୨୦୦୦ ମସିହା ମଧ୍ୟରେ ଆମେରିକା ପରି ଦେଶ ମଧ ଦଶ ପ୍ରତିଶତ ଇଥାନଲ ମିଶାଇବା ଆରମ୍ଭ କରିଥିଲା । ବର୍ତ୍ତମାନ ବ୍ରାଜିଲରେ ଇ୨୭ .୫ ପର୍ଯ୍ୟନ୍ତ ଥିବା ବେଳେ କାନାଡ଼ା ଇ୧୦-ଇ୮୫ , ପାରାଗୁଏ ଇ୩୦, ଥାଇଲାଣ୍ଡ ଇ୨୦, ଆମେରିକା ଇ୧୦-ଇ୮୫ ବ୍ୟବହାର ଆରମ୍ଭ କରିସାରିଛନ୍ତି ।

## ଭାରତରେ ଇ୨୦

ଏବେ ସାରା ଭାରତରେ ଇ୨୦ ପେଟ୍ରୋଲକୁ ନେଇ ଚର୍ଚ୍ଚା । ତେବେ ଭାରତ କ'ଣ ପାଇଁ ଏହି ପଦକ୍ଷେପ ନେଲା ଏହା ବୁଝିବା ଦରକାର । ସୂଚନାଯୋଗ୍ୟ ଯେ, ୨୦୦୧ ମସିହାରେ ଇଥାନଲ୍ ମିଶ୍ରଣ ପାଇଁ ପାଇଲଟ୍ ପ୍ରକଳ୍ପ ଆରମ୍ଭ ହୋଇଥିଲା । ୨୦୦୩ ମସିହାରେ ଶକ୍ତି ସୁରକ୍ଷା ବୃଦ୍ଧି କରିବା ଏବଂ ଅଶୋଧିତ ତୈଳ ଆମଦାନୀ ହ୍ରାସ କରିବା ପାଇଁ ଆନୁଷ୍ଠାନିକ ଭାବରେ ଇଥାନଲ୍ ମିଶ୍ରିତ ପେଟ୍ରୋଲ୍ (ଇବିପି) କାର୍ଯ୍ୟକ୍ରମ ଆରମ୍ଭ କରିଥିଲା । ଭାରତ ୨୦୩୦ ମସିହା ମୂଳ ସମୟ ସୀମାଠାରୁ ପାଞ୍ଚ ବର୍ଷ ପୂର୍ବରୁ ୨୦% ଇଥାନଲ ମିଶ୍ରଣ ଲକ୍ଷ୍ୟ (ଇ୨୦) ସଫଳତାର ସହ ହାସଲ କରିଛି । ଦେଶରେ ବିକ୍ରି ହେଉଥିବା ସମସ୍ତ ପେଟ୍ରୋଲରେ ୨୦% ଇଥାନଲ ମିଶ୍ରଣ ଅନ୍ତର୍ଭୁକ୍ତ ହୋଇଛି । ଭାରତକୁ ଏହାର କାର୍ବନ ଅର୍ଥନୀତିକୁ ୨୦୩୦ ମସିହା ସୁଦ୍ଧା ୨୦୦୫ ମସିହା ତୁଳନାରେ ସର୍ବନିମ୍ନ ୪୫ ପ୍ରତିଶତକୁ ହ୍ରାସ କରିବା ପାଇଁ ନେଇଥିବା ସଂକଳ୍ପ ପ୍ୟାରିସ ୨୦୧୬, ଗ୍ଲାସଗୋ COP26 ଏବଂ COP27ରେ ଭାରତର ନେଟ୍ ଜିରୋ ପ୍ରତିବଦ୍ଧତାକୁ ସୁଦୃଢ଼ ହୋଇଛି । ଏହାର ଅର୍ଥ ହେଉଛି, ୨୦୩୦ ମସିହା ସୁଦ୍ଧା ଭାରତର ଶକ୍ତି ଆବଶ୍ୟକତାର ୫୦ ପ୍ରତିଶତ ନବୀକରଣୀୟ ଶକ୍ତିରୁ ଆସିବାକୁ ପଡ଼ିବ । ଏହି ଉଦ୍ଦେଶ୍ୟରେ ଭାରତ ୨୦୩୦ ମସିହା ସୁଦ୍ଧା ଇ୨୦ ଲାଗୁ କରିବାକୁ ଲକ୍ଷ୍ୟ ରଖିଥିଲା । ଭାରତର ବିଶାଳ ଅଶୋଧିତ ତୈଳ ଆମଦାନି ପାଇଁ ବିଦେଶ ଉପରେ ନିର୍ଭରଶୀଳତା କମ କରିବା ସହିତ ବିପୁଳ ବିଦେଶ ମୁଦ୍ରା ସଂଚୟ କରିବା ଓ ଆମଦାନି ପାଇଁ ଖର୍ଚ୍ଚ ରାଶିକୁ ଇଥାନଲ କିଣିବା ପାଇଁ ବ୍ୟବହାର କରିବା ଦ୍ୱାରା ଦେଶର ଚାଷୀ ଓ ଉଦ୍ୟୋଗକୁ ଲାଭାନ୍ୱିତ କରିବା ମଧ ଏହାର ବୃହତ ଉଦ୍ଦେଶ୍ୟ । ଏହା ଦ୍ୱାରା ୧୯୭ ଲକ୍ଷ କୋଟି ଟଙ୍କା ସଂଚୟ ହୋଇ ଦେଶର ଚାଷୀ ଓ ଉଦ୍ୟୋଗ ଲାଭାନ୍ୱିତ ହୋଇଛନ୍ତି । ୩୧୬ ଲକ୍ଷ ମେଟ୍ରିକ ଟନ ଅଶୋଧିତ ତୈଳ ଆମଦାନୀ କରିବାକୁ ପଡ଼ିନାହିଁ ବୋଲି କୁହାଯାଉଛି ।

## ଇ୨୦ ତୈଳର ମାଇଲେଜ୍

ଅଟୋମେକରମାନଙ୍କ ଅନୁସାରେ ଇ୨୦ ଇନ୍ଧନ ଯାନବାହନ ପାଇଁ ସମ୍ପୂର୍ଣ୍ଣ ଭାବରେ ନିରାପଦ ଅଟେ । ଯଦିଓ ସାମାଜିକ ଗଣମାଧ୍ୟମରେ ଇଞ୍ଜିନର ମାଇଲେଜ କମିଯିବା ନେଇ ଚର୍ଚ୍ଚା ହେଉଛି । ଭାରତୀୟ ଅଟୋମୋଟିଭ୍ ରିସର୍ଚ୍ଚ ଆସୋସିଏସନ୍ (ARAI) ର ଗବେଷଣା ଅନୁସାରେ ଇ୨୦ ଇନ୍ଧନ ଦକ୍ଷତାରେ କେବଳ ୨% ରୁ ୬% ମାଇଲେଜ ହ୍ରାସ ହୋଇପାରେ, ଯାହା ଆମର ନିତିଦିନିଆ ଡ୍ରାଇଭିଂ ଅଭ୍ୟାସ ଦ୍ୱାରା ମଧ ହୋଇଥାଏ । ଅଟୋମେକରମାନେ ଏଯାଏଁ ବିଶେଷ ଇଞ୍ଜିନ କ୍ଷତିର କୌଣସି ପ୍ରମାଣ ପାଇନାହାଁନ୍ତି, ଯଦିଓ ସେମାନେ ସ୍ୱୀକାର କରନ୍ତି ପୁରୁଣା ଯାନଗୁଡ଼ିକରେ ରବର ଏବଂ ଇନ୍ଧନ ପ୍ରଣାଳୀର ଅଂଶ ନିୟମିତ ଇ୨୦ ଇନ୍ଧନ ଦ୍ୱାରା ନଷ୍ଟ ହୋଇପାରେ । ଭବିଷ୍ୟତରେ ଯାନ ଇ୨୦ କିମ୍ବା ଇ୩୦ ଉପଯୁକ୍ତ ହେବ ଏଥିରେ ସନ୍ଦେହ ନାହିଁ । ତେବେ ଦେଶର ବୃହତ ସ୍ୱାର୍ଥ ଓ ବିଦେଶ ତୈଳ ଉପରେ ନିର୍ଭରତା କମାଇବା ପାଇଁ ଆମ ସମସ୍ତଙ୍କୁ ସହଯୋଗ କରିବାକୁ ହେବ । ■

ବୈଜ୍ଞାନିକ, ଭାବା ପରମାଣୁ ଗବେଷଣା କେନ୍ଦ୍ର, ପରିବେଶ ନିରୀକ୍ଷଣ ପରୀକ୍ଷାଗାର, ଯାଦୁଗୁଡ଼ା
ପୂର୍ବ ସିଂଭୂମି, ଝାରଖଣ୍ଡ - ୮୩୨୧୦୨



# ଭାରତର ଅର୍ଥନୀତି ଓ ଇ-୨୦ ଇନ୍ଧନ



ଭାରତରେ ବାର୍ଷିକ ୯୩ ନିୟୁତ ଟନ୍ ଡିଜେଲ ଓ ୪୦ ନିୟୁତ ଟନ୍ ପେଟ୍ରୋଲ ବ୍ୟବହାର ହୋଇଥାଏ । ପେଟ୍ରୋଲ ଉତ୍ପାଦନ ପାଇଁ ଆମ ଦେଶର ବାର୍ଷିକ ୨୪୦-୨୫୦ ନିୟୁତ ଟନ୍ ଅଶୋଧିତ ତୈଳ ରୁଷିଆ, ଇରାନ, ଦାକ୍ଷିଣ ଆରବ ଓ ୟୁ.ଏ.ଇ ଦେଶରୁ ଆମଦାନୀ କରେ । ଏଥିପାଇଁ ୧୩୫-୧୬୦ ବିଲିୟନ ଡଲାର ବୈଦେଶିକ ମୁଦ୍ରା ବିନିଯୋଗ ହୁଏ । ଏହା ଦେଶର ବାଣିଜ୍ୟିକ କ୍ଷତି ଏବଂ ବୈଦେଶିକ ମୁଦ୍ରା ଉପରେ ବଡ଼ ଚାପ ସୃଷ୍ଟି କରେ । ବିଶ୍ୱର ତୃତୀୟ ବୃହତ୍ ତୈଳ ଉପଭୋକ୍ତା ଭାବରେ ଭାରତ ନିଜର ପ୍ରାୟ ୮୫ ପ୍ରତିଶତ ଅଶୋଧିତ ତୈଳ ବିଦେଶରୁ ଆମଦାନି କରିଥାଏ । ଏହି ବିପୁଳ ଆମଦାନି ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ଉପରେ ଚାପ ସୃଷ୍ଟି କରିବା ସହ ବିଶ୍ୱ ବଜାରରେ ତୈଳ ଦରର ଉତ୍ଥାନ-ପତନ ପ୍ରତି ଭାରତୀୟ ଅର୍ଥନୀତିକୁ ସମ୍ବେଦନଶୀଳ କରିଦେଇଛି । ଏହି ପରିପ୍ରେକ୍ଷୀରେ ପେଟ୍ରୋଲରେ ୨୦ ପ୍ରତିଶତ ଇଥାନଲ ମିଶ୍ରଣ ବା ଇ୨୦ ଇନ୍ଧନ ନୀତି କେବଳ ଏକ ଇନ୍ଧନ ପରିବର୍ତ୍ତନ ନୁହେଁ, ବରଂ ଏହା ଶକ୍ତି ନିରାପତ୍ତା, କୃଷି, ଶିଳ୍ପ, ପରିବେଶ ଏବଂ ଗ୍ରାମୀଣ ଅର୍ଥନୀତିକୁ ଏକ ସୂତ୍ରରେ ବାନ୍ଧିବାର ଏକ ଦୂରଦର୍ଶୀ ପ୍ରୟାସ ।



ବିଦ୍ୟାଧର ମହାରଣା




ପେଟ୍ରୋଲ ସହ ଇଥାନଲ ମିଶ୍ରଣ କରିବା ଫଳରେ ଜୀବାଶ୍ମ ଇନ୍ଧନର ବ୍ୟବହାର କମିଥାଏ ଏବଂ କାର୍ବନ ନିର୍ଗମନ ହ୍ରାସ ପାଏ । ବ୍ରାଜିଲ ଓ ଆମେରିକା ଦୀର୍ଘ ଦିନ ଧରି ଇଥାନଲ ଆଧାରିତ ଇନ୍ଧନ ବ୍ୟବହାର କରିଆସୁଛନ୍ତି । ଭାରତ ମଧ ସେହି ପଥରେ ଆଗେଇ ଚାଲିଛି । ଯଦି ପେଟ୍ରୋଲର ୨୦ ପ୍ରତିଶତ ଅଂଶ ଦେଶରେ ଉତ୍ପାଦିତ ଇଥାନଲ ଦ୍ୱାରା ପୂରଣ ହୁଏ, ତେବେ ଆମଦାନି ହ୍ରାସ ପାଇବ ଏବଂ ବୈଦେଶିକ ମୁଦ୍ରା ସଞ୍ଚୟ ବଢ଼ିବ । ଏହା ଭାରତର ଚଳିତ ବୈଦେଶିକ ବାଣିଜ୍ୟ ସନ୍ତୁଳନକୁ ମଜବୁତ କରିବା ସହ ଟଙ୍କାର ସ୍ଥିରତାରେ ମଧ ସହାୟକ ହୋଇପାରେ ।

## କୃଷକଙ୍କ ପାଇଁ ଲାଭ

ଇ୨୦ ନୀତିର ସବୁଠାରୁ ବଡ଼ ଲାଭ କୃଷକଙ୍କୁ ମିଳିବାର ଆଶା କରାଯାଉଛି । ଆଖୁ, ମକା ଓ ଅନ୍ୟାନ୍ୟ ଫସଲର ଚାହିଦା ବଢ଼ିବାରୁ କୃଷକମାନେ ଅଧିକ ବଜାର ସୁଯୋଗ ପାଇବେ । ଚିନି ଶିଳ୍ପ ପାଇଁ ମଧ ଇଥାନଲ ଏକ ବିକଳ୍ପ ଆୟର ଉତ୍ସ ସୃଷ୍ଟି କରିବ । ଚିନିର ଅତିରିକ୍ତ ଉତ୍ପାଦନକୁ ଇଥାନଲ ନିର୍ମାଣରେ ବ୍ୟବହାର କରି ଚିନି କଳଗୁଡ଼ିକ ଆର୍ଥିକ ଭାବେ ଅଧିକ ସକ୍ଷମ ହୋଇପାରିବେ । ଏହା ଗ୍ରାମୀଣ ଅର୍ଥନୀତିରେ ନୂଆ ପୁଞ୍ଜିନିବେଶ, କୋଲ୍ଡ ଚେନ୍, ଗୋଦାମ, ପରିବହନ ଏବଂ ପ୍ରକ୍ରିୟାକରଣ ଶିଳ୍ପର ବିକାଶକୁ ମଧ ପ୍ରୋତ୍ସାହନ ଦେବ । ଓଡ଼ିଶାର ବରଗଡ଼ ଜିଲ୍ଲାରେ ଏକ ଇଥାନଲ ପ୍ଲାଣ୍ଟ ନିର୍ମାଣ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି । ଇଥାନଲ ଉତ୍ପାଦନ ପାଇଁ ନୂତନ ଡିଷ୍ଟିଲେରୀ, ସଂରକ୍ଷଣ କେନ୍ଦ୍ର ଓ ପରିବହନ ବ୍ୟବସ୍ଥାର ବିକାଶ ଆବଶ୍ୟକ । ଏହା ଦେଶରେ ବ୍ୟାପକ ପୁଞ୍ଜିନିବେଶ ଆକର୍ଷଣ କରିବା ସହ ହଜାର ହଜାର ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି କରିପାରେ । କୃଷି, ଶିଳ୍ପ ଓ ସେବା କ୍ଷେତ୍ର ମଧ୍ୟରେ ଏକ ନୂଆ ଆର୍ଥିକ ସମନ୍ୱୟ ଗଢ଼ିଉଠିବ । ଇଥାନଲ ଜୈବ ଉତ୍ସରୁ ପ୍ରସ୍ତୁତ ହେଉଥିବାରୁ ଏହା ଅପେକ୍ଷାକୃତ ପରିବେଶବନ୍ଧବ । ଇ୨୦ ବ୍ୟବହାର ଦ୍ୱାରା କାର୍ବନ ମନୋଅକ୍ସାଇଡ୍ ଓ ଅନ୍ୟାନ୍ୟ କ୍ଷତିକାରକ ନିର୍ଗମନ କମିପାରେ । ଜଳବାୟୁ ପରିବର୍ତ୍ତନର ମୁକାବିଲା ଏବଂ 'ନେଟ୍-ଜିରୋ' ଲକ୍ଷ୍ୟ ହାସଲରେ ମଧ ଏହା ସହାୟକ ହେବ ।

## ଇ୨୦ ନୀତି ସମସ୍ୟା

ଇ୨୦ ନୀତି ସମ୍ପୂର୍ଣ୍ଣ ସମସ୍ୟା ମୁକ୍ତ ନୁହେଁ । ଭାରତରେ ଇଥାନଲ ଉତ୍ପାଦନ ପାଇଁ ବହୁ ପରିମାଣରେ ଆଖୁ ଓ ମକା ଉପରେ ନିର୍ଭର କରିବାକୁ ପଡୁଛି । ଆଖୁ ଏକ ଅଧିକ ଜଳ ଆବଶ୍ୟକ କରୁଥିବା ଫସଲ । ଜଳ ସଙ୍କଟ ଥିବା ଅଞ୍ଚଳରେ ଏହାର ବ୍ୟାପକ ଚାଷ ପରିବେଶ ଓ ଜଳ ସମ୍ପଦ ଉପରେ ଚାପ ବଢ଼ାଇପାରେ । ଅନ୍ୟପକ୍ଷରେ, ଖାଦ୍ୟଶସ୍ୟକୁ ଇନ୍ଧନ ଉତ୍ପାଦନରେ ବ୍ୟବହାର କରିବା ଫଳରେ ଭବିଷ୍ୟତରେ ଖାଦ୍ୟ ସୁରକ୍ଷା ଓ ଦାମ ଉପରେ ପ୍ରଭାବ ପଡ଼ିବ କି ନାହିଁ, ସେନେଇ ମଧ ଚିନ୍ତା ରହିଛି । ନୂତନ ଇ୨୦ ଉପଯୋଗୀ ଯାନଗୁଡ଼ିକରେ ବିଶେଷ ସମସ୍ୟା ନଥିଲେ ମଧ, ପୁରୁଣା ଗାଡ଼ିଗୁଡ଼ିକରେ ଇନ୍ଧନ ଦକ୍ଷତା ସାମାନ୍ୟ କମିପାରେ ବୋଲି କେତେକ ବିଶେଷଜ୍ଞ ମତ ଦେଇଛନ୍ତି । ତେଣୁ ଉପଭୋକ୍ତାଙ୍କୁ ସଠିକ୍ ସୂଚନା ଓ ସଚେତନତା ଯୋଗାଇବା ଅତ୍ୟନ୍ତ ଜରୁରି । ଭାରତର ଇ୨୦ ନୀତିର ସଫଳତା କେବଳ ଇଥାନଲ ଉତ୍ପାଦନ ବୃଦ୍ଧି ଉପରେ ନୁହେଁ, ବରଂ ଜଳ ପରିଚାଳନା, ବୈଜ୍ଞାନିକ କୃଷି, ଦ୍ୱିତୀୟ ପିଢ଼ିର (2G) ଇଥାନଲ ପ୍ରଯୁକ୍ତି, କୃଷି ବର୍ଜ୍ୟର ବ୍ୟବହାର ଓ ସୁଦୃଢ଼ ନୀତିଗତ ସମନ୍ୱୟ ଉପରେ ନିର୍ଭର କରିବ । ଭବିଷ୍ୟତରେ ଯଦି କୃଷିବର୍ଜ୍ୟ, ବାଉଁଶ, ଧାନ ନଡ଼ା ଓ ଅନ୍ୟାନ୍ୟ ଜୈବ ପଦାର୍ଥରୁ ବ୍ୟାପକ ଭାବେ 2G ଇଥାନଲ ଉତ୍ପାଦନ କରାଯାଏ, ତେବେ ଖାଦ୍ୟ ସୁରକ୍ଷା ଓ ଜଳ ବ୍ୟବହାର ସମ୍ପର୍କିତ ଅନେକ ଆଶଙ୍କା ଦୂର ହୋଇପାରିବ ।

## ଇଥାନଲକୁ ନେଇ ଦ୍ୱନ୍ଦ୍ୱ




କେନ୍ଦ୍ରମନ୍ତ୍ରୀ ନୀତିନ୍ ଗଡ଼କରୀ କହିବା ଅନୁଯାୟୀ, ଭାରତ ବର୍ଷକୁ ଦୁଇ ଲକ୍ଷ କୋଟି ଟଙ୍କାର ଇନ୍ଧନ ତୈଳ ଆମଦାନୀ କରୁଛି । ଏହା ମଧ ବାୟୁ ପ୍ରଦୂଷଣର ଏକ ମୁଖ୍ୟ କାରଣ । ଇଥାନଲ୍‌ର କ୍ୟାଲୋରି ମୂଲ୍ୟ ପେଟ୍ରୋଲଠାରୁ କମ୍ ହେଲେବି ୨୦% ଇଥାନଲ୍ ଏବଂ ୮୦% ପେଟ୍ରୋଲ ମିଶାଇ ବ୍ୟବହାର କଲେ ସାମାନ୍ୟ ମାଇଲେଜ କମିଲେ ମଧ flexi fuel engine ବ୍ୟବହାର କଲେ ଗାଡ଼ି ଆରାମରେ ଚାଲି ପାରିବ । ଟାଟା, ହୁଣ୍ଡାଇ, ଟୋୟଟା ଓ ମାରୁତି ପରି କମ୍ପାନୀ flexi fuel ଇଞ୍ଜିନ୍ ପ୍ରସ୍ତୁତ କଲେଣି । ପୁଣେର ଆରାଇ କମ୍ପାନୀ ପରୀକ୍ଷା କରି ଦେଖିଛି ଯେ, ଇଥାନଲ୍ ବ୍ୟବହାର ଯୋଗୁଁ ଗାଡ଼ି ଖରାପ ହୁଏ ନାହିଁ । ଯାହାକିଛି ରବର ୱାସର ଖରାପ ହେବ ସେଗୁଡ଼ିକ ଗାଡ଼ି ସର୍ଭିସ ସମୟରେ ବଦଳା ଯାଇପାରିବ । କର୍ଣ୍ଣାଟକର କେତେକ ବସ୍ ୧୫% ଇଥାନଲ ପେଟ୍ରୋଲ ସହିତ ମିଶାଇ ଚଳାଉଛନ୍ତି । ବ୍ରାଜିଲ ଦେଶରେ ୨୭% ଇଥାନଲ୍ ପେଟ୍ରୋଲ ସହିତ ମିଶା ଯାଉଛି ।



ଇଥାନଲ ନୀତି ଭାରତର ଶକ୍ତି ସ୍ୱାବଲମ୍ବନ ଓ ସବୁଜ ଅର୍ଥନୀତି ଗଠନ ଦିଗରେ ଏକ ଯୁଗାନ୍ତକାରୀ ପଦକ୍ଷେପ । ଏହା ଆମଦାନି ଖର୍ଚ୍ଚ ହ୍ରାସ, କୃଷକଙ୍କ ଆୟ ବୃଦ୍ଧି, ଗ୍ରାମୀଣ ଶିଳ୍ପର ବିକାଶ ଓ ପରିବେଶ ସୁରକ୍ଷାରେ ନୂଆ ସମ୍ଭାବନା ସୃଷ୍ଟି କରିପାରେ । କିନ୍ତୁ ଜଳ ସମ୍ପଦ, ଖାଦ୍ୟ ସୁରକ୍ଷା, ଯାନ ପ୍ରଯୁକ୍ତି ଏବଂ ଉତ୍ପାଦନ କ୍ଷମତା ପରି ବିଷୟଗୁଡ଼ିକର ସନ୍ତୁଳିତ ପରିଚାଳନା ଅତ୍ୟାବଶ୍ୟକ । ଯଦି ସରକାର, କୃଷକ, ଶିଳ୍ପ ଓ ଉପଭୋକ୍ତାଙ୍କ ମଧ୍ୟରେ ସମନ୍ୱୟ ସୁଦୃଢ଼ ରହେ, ତେବେ ଇ୨୦ କେବଳ ଏକ ବିକଳ୍ପ ଇନ୍ଧନ ନୁହେଁ, ବରଂ ଆତ୍ମନିର୍ଭର ଭାରତ, ସବୁଜ ବିକାଶ ଏବଂ ସ୍ଥାୟୀ ଅର୍ଥନୈତିକ ପ୍ରଗତିର ଏକ ଶକ୍ତିଶାଳୀ ଆଧାର ହୋଇପାରିବ । ■

କଳିଙ୍ଗ ନଗର ୭/୪୫୨, ଭୁବନେଶ୍ୱର-୭୫୧୦୨୯
ମୋ: ୯୪୩୭୦୭୧୧୯୦




# ଇ-୨୦ ପେଟ୍ରୋଲ ବ୍ୟବହାର ଓ ସଂଶୟ



ହିମାଂଶୁ ଶେଖର ଫତେସିଂହ

**ନିକଟରେ ଭାରତ ସରକାର ଦେଶବ୍ୟାପୀ ଇ୨୦ ପେଟ୍ରୋଲର ବ୍ୟବହାର ପାଇଁ ଆଇନ ପ୍ରଣୟନ କରିଛନ୍ତି । ତଦନୁଯାୟୀ ଚଳିତ ବର୍ଷ ଏପ୍ରିଲ-୧ ତାରିଖ ଦିନଠାରୁ ଦେଶର ସମସ୍ତ ପେଟ୍ରୋଲ ପମ୍ପରେ ସାଧାରଣ ପେଟ୍ରୋଲ ବଦଳରେ ଇ-୨୦ ପେଟ୍ରୋଲ ଯୋଗାଣ କରାଯାଉଛି । ତେଣୁ ଦେଶରେ ସମସ୍ତ ପେଟ୍ରୋଲ ଚାଳିତ ଯାନବାହାନ ଓ ମୋଟର ସାଇକେଲରେ ଇ-୨୦ ପେଟ୍ରୋଲ ବ୍ୟବହାର କରାଯାଉଛି । କେନ୍ଦ୍ର ସରକାର ଏହାକୁ ଏକ ସ୍ୱଚ୍ଛ, ଦକ୍ଷ ଓ ନିରାପଦ ଇନ୍ଧନ ବୋଲି ଦାବି କରୁଥିବା ବେଳେ ବିରୋଧୀ ଦଳ ଏହାର ବ୍ୟବହାରକୁ ତୀବ୍ର ବିରୋଧ କରୁଛନ୍ତି । ତେବେ ଏହାର ବ୍ୟବହାରକୁ ନେଇ ସାଧାରଣ ଖାଉଟିମାନଙ୍କ ମଧ୍ୟରେ ସଂଶୟ ପ୍ରକାଶ ପାଇଛି ।**

## ଇ-୨୦ ପେଟ୍ରୋଲ

ଇ-୨୦ ପେଟ୍ରୋଲ ହେଉଛି ଇଥାନଲ ମିଶ୍ରିତ ପେଟ୍ରୋଲ । ଏଥିରେ ୮୦ ପ୍ରତିଶତ ସାଧାରଣ ପେଟ୍ରୋଲ ସହିତ ୨୦ ପ୍ରତିଶତ ଇଥାନଲ ମିଶିଥାଏ । ଇଥାନଲର ରାସାୟନିକ ନାମ ହେଉଛି ଇଥାଇଲ ଆଲକୋହଲ ($C_2H_5OH$) । ଏହା ଏକ ଉତ୍ତମ ଜୈବ ଇନ୍ଧନ ରୂପେ ପରିଚିତ । ପ୍ରଥମେ ୨୦୦୧ ମସିହାରେ ଦେଶରେ ପେଟ୍ରୋଲରେ ଇଥାନଲ ମିଶ୍ରଣ ପାଇଁ ପାଇଲଟ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ଏହାପରେ ୨୦୦୬ ମସିହାରେ କେତେକ ରାଜ୍ୟରେ ଇ-୫ ପେଟ୍ରୋଲ ଅର୍ଥାତ ୯୫ ପ୍ରତିଶତ ସାଧାରଣ ପେଟ୍ରୋଲରେ ୫ ପ୍ରତିଶତ ଇଥାନଲ ମିଶ୍ରଣ ବ୍ୟବହୃତ ହେଉଥିଲା । ୨୦୧୩-୧୪ ମସିହାରେ ଭାରତରେ ମାତ୍ର ୧.୫ ପ୍ରତିଶତ ଇଥାନଲ ମିଶ୍ରଣ କରାଯାଇଥିଲା । ୨୦୨୨ ମସିହାଠାରୁ ଦେଶରେ ଇ-୧୦ ପେଟ୍ରୋଲ ପ୍ରଚଳନ କରାଗଲା । ଏହାପରେ ଦେଶରେ ଇ-୨୦ ପେଟ୍ରୋଲ ବ୍ୟବହାର କରାଯାଇଛି । ଅବଶ୍ୟ ଇ-୨୦ ପେଟ୍ରୋଲ ବ୍ୟବହାର କ୍ଷେତ୍ରରେ ଭାରତ ପୃଥିବୀରେ ଏକମାତ୍ର ଦେଶ ନୁହେଁ । ପୂର୍ବରୁ ବ୍ରାଜିଲରେ ଇ-୨୭.୫ ପେଟ୍ରୋଲ, ଥାଇଲ୍ୟାଣ୍ଡରେ ଇ-୨୦ ପେଟ୍ରୋଲ, ପାରାଗୁଏରେ ଇ-୩୦ ପେଟ୍ରୋଲ, ବଲିଭିଆରେ ଇ-୨୫ ପେଟ୍ରୋଲ, ଆମେରିକାରେ ଇ-୧୦ ପେଟ୍ରୋଲ ଓ ଜିମ୍ବାୱେରେ ଇ-୨୦ ପେଟ୍ରୋଲ ବ୍ୟବହୃତ ହେଉଛି ।

## ବ୍ୟବହାର

ଆମ ଦେଶରେ ପେଟ୍ରୋଲିୟମ ଇନ୍ଧନ ଆବଶ୍ୟକତାର ମାତ୍ର ୧୧ ପ୍ରତିଶତ ଦେଶ ମଧ୍ୟରୁ ମିଳୁଥିବାବେଳେ ଅବଶିଷ୍ଟ ୮୯ ପ୍ରତିଶତ ତୈଳ ଋଷିଆ, ଇରାନ, ସାଉଦି ଆରବ ଆଦି ଦେଶରୁ ଆମଦାନି କରାଯାଇଥାଏ । ଏଥିପାଇଁ ଭାରତ ପ୍ରତିବର୍ଷ ପ୍ରଚୁର ବୈଦେଶିକ ମୁଦ୍ରା ବ୍ୟୟ କରିଥାଏ । ଭାରତକୁ ଆମଦାନି କରାଯାଉଥିବା ଅଶୋଧିତ ତୈଳର ୭୦ ପ୍ରତିଶତ ହର୍ମୁଜ ପ୍ରଣାଳୀ ଦେଇ ଆସିଥାଏ । ନିକଟରେ ଇରାନ-ଆମେରିକା ଯୁଦ୍ଧ ଫଳରେ ଇରାନ ହର୍ମୁଜ ପ୍ରଣାଳୀକୁ ଅବରୋଧ କରିଥିବାରୁ ଭାରତକୁ ତୈଳ ପରିବହନ ବାଧାପ୍ରାପ୍ତ ହୋଇଥିଲା । ଏହା ଫଳରେ ଭାରତରେ ଭୀଷଣ ତୈଳ ସଙ୍କଟ ଦେଖାଦେଇଥିଲା । ତେଣୁ ସରକାର ଦେଶରେ ଇ-୨୦ ପେଟ୍ରୋଲକୁ ବଜାରରେ ପ୍ରଚଳନ କରିବାକୁ ସ୍ଥିର କଲେ । ଏବେ ଭାରତରେ ପ୍ରାୟ ୨୦୦୦ କୋଟି ଲିଟର ଇଥାନଲ ଉତ୍ପାଦିତ ହେଉଥିବାରୁ ଦେଶରେ ଇ-୨୦ ପେଟ୍ରୋଲ ପ୍ରଚଳନରେ କୌଣସି ସମସ୍ୟା ନାହିଁ ।

## ଉପକାର

ସାଧାରଣ ପେଟ୍ରୋଲ ତୁଳନାରେ ଇ-୨୦ ପେଟ୍ରୋଲର ବ୍ୟବହାରରେ ଅନେକ ଉପକାରିତା ରହିଛି । ଭାରତରେ ପେଟ୍ରୋଲିୟମ ଆବଶ୍ୟକତାର ନବେ ପ୍ରତିଶତ ବିଦେଶରୁ ଆମଦାନି କରାଯାଇଥାଏ । ଭାରତ ୨୦୨୫ ମସିହାରେ ୨୪୫ ନିୟୁତ ମେଟ୍ରିକ ଟନ ଅଶୋଧିତ ତୈଳ ଆମଦାନି କରିଥିଲା । ଏଥିରେ ପ୍ରଚୁର ବୈଦେଶିକ ମୁଦ୍ରା ବ୍ୟୟ କରାଯାଉଛି । ଇ-୨୦ ପେଟ୍ରୋଲର ବ୍ୟବହାର ଫଳରେ ଭାରତର ଅଶୋଧିତ ତୈଳ ଆମଦାନି ପରିମାଣ ହ୍ରାସ ପାଇବ । ଏହା ବ୍ୟତୀତ ଅଶୋଧିତ ତୈଳ ନିମନ୍ତେ ଭାରତର ଅନ୍ୟ ଦେଶଗୁଡ଼ିକ ଉପରେ ନିର୍ଭରଶୀଳତା ହ୍ରାସ ପାଇବ । ସେହିପରି ଭାରତର ଅଶୋଧିତ ତୈଳ ଆମଦାନି ହ୍ରାସ ଫଳରେ ଦେଶର ବୈଦେଶିକ ମୁଦ୍ରା ପାଣ୍ଠି ଉପରେ ଚାପ ହ୍ରାସ ପାଇବ । ଇଥାନଲ ଏକ ନବୀକରଣ ଯୋଗ୍ୟ ଇନ୍ଧନ । ଦେଶରେ ଇ-୨୦ ପେଟ୍ରୋଲର ବ୍ୟବହାର ବୃଦ୍ଧି ପାଇଲେ ମଧ୍ୟ ଦେଶରେ ଇଥାନଲ ସଙ୍କଟ ଦେଖାଯିବ ନାହିଁ । ଆଖୁ ଓ ମକା ଚାଷର ପ୍ରସାରଦ୍ୱାରା ଦେଶରେ ଯଥେଷ୍ଟ ଇଥାନଲ ଉତ୍ପାଦନ କରାଯାଇପାରିବ । ଏହା ମଧ୍ୟ ଦେଶର କୃଷି ଅର୍ଥନୀତିକୁ ସୁଦୃଢ଼ କରିବ । ପୁନଶ୍ଚ ଇଥାନଲ ଏକ ବିଶୁଦ୍ଧ ଓ ପରିବେଶ ଅନୁକୂଳ ଇନ୍ଧନ । ଏହାର ଦହନ ଫଳରେ କାର୍ବନ ମନୋକ୍ସାଇଡ୍, ଭାସମାନ ସୂକ୍ଷ୍ମକଣିକା ଓ ବିଷାକ୍ତ ହାଇଡ୍ରୋକାର୍ବନ ଗ୍ୟାସର ନିର୍ଗମନ ପରିମାଣ କମ ରହେ । ତେଣୁ ଇ-୨୦ ପେଟ୍ରୋଲର ବ୍ୟବହାର ପରିବେଶ ସୁରକ୍ଷାରେ ସହାୟକ ହେବ । ସାଧାରଣ ପେଟ୍ରୋଲ ତୁଳନାରେ ଇ-୨୦ ପେଟ୍ରୋଲର ଅକ୍ଟେନ ସଂଖ୍ୟା (୯୫) ଅଧିକ ରହେ । ତେଣୁ ଏହା ଏକ ଦକ୍ଷ ଇନ୍ଧନ ରୂପେ ପରିଚିତ । ଉଚ୍ଚ ଅକ୍ଟେନ ସଂଖ୍ୟା ହେତୁ ଏହାର ବ୍ୟବହାର ଫଳରେ ଇଞ୍ଜିନର କାର୍ଯ୍ୟ ଦକ୍ଷତା ବୃଦ୍ଧି ପାଏ ।










## ଅପକାର

ଇ-୨୦ ପେଟ୍ରୋଲ ବ୍ୟବହାରେ କେତେକ ଅପକାର ରହିଥିବାର ଜଣାପଡ଼ିଛି । ଇଥାନଲର କ୍ୟାଲୋରି ମୂଲ୍ୟ ପେଟ୍ରୋଲ ତୁଳନାରେ କମ । ତେଣୁ ଇ-୨୦ ପେଟ୍ରୋଲର ବ୍ୟବହାର ଫଳରେ ଯାନବାହନଗୁଡ଼ିକର ମାଇଲେଜ୍ ୫ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇବ । ଏହା ବ୍ୟତୀତ ଇ-୨୦ ପେଟ୍ରୋଲର ବ୍ୟବହାର ଫଳରେ ପୁରୁଣା ଗାଡ଼ି (୨୦୨୩ ମସିହା ପୂର୍ବ) ଗୁଡ଼ିକ ଇଞ୍ଜିନ ଓ ଯନ୍ତ୍ରାଂଶ ଉପରେ ପ୍ରତିକୂଳ ପ୍ରଭାବ ପଡ଼ିବ ବୋଲି କୁହାଯାଏ । ଏହାର ବ୍ୟବହାର ଫଳରେ ମୋଟରଗାଡ଼ି ଗୁଡ଼ିକର ରବର ଅଂଶ ଶୀଘ୍ର ନଷ୍ଟ ହୋଇଯିବ ଏବଂ ଇନ୍ଧନ ଟାଙ୍କି ଓ ଅନ୍ୟାନ୍ୟ ଲୁହା ନିର୍ମିତ ଅଂଶରେ ଶୀଘ୍ର କଳଙ୍କି ଲାଗିଯିବ ବୋଲି ଆଶଙ୍କା କରାଯାଉଛି । ତେବେ ସରକାରଙ୍କ ପେଟ୍ରୋଲିୟମ ମନ୍ତ୍ରାଳୟ ଏହି ଆଶଙ୍କାକୁ ଖଣ୍ଡନ କରିଛି । ପୁନଶ୍ଚ ଇଥାନଲ ଉତ୍ପାଦନରେ ବିପୁଳ ପରିମାଣରେ ଜଳ ଆବଶ୍ୟକ ହୋଇଥାଏ । ଇଥାନଲ ଶିଳ୍ପରେ ଏକ ଲିଟର ଇଥାନଲ ଉତ୍ପାଦନ ପାଇଁ ପ୍ରାୟ ୮ ରୁ ୧୦ ଲିଟର ଜଳ ଆବଶ୍ୟକ ପଡ଼ିଥାଏ । ମତ୍ର କୃଷି କାର୍ଯ୍ୟ ପାଇଁ ବହୁ ପରିମାଣରେ ଜଳ ଆବଶ୍ୟକ ହୁଏ । ଆଖୁରୁ ଏକ ଲିଟର ଇଥାନଲ ଉତ୍ପାଦନ ପାଇଁ ପ୍ରାୟ ୩୬୩୦ ଲିଟର ଆବଶ୍ୟକ ହୁଏ । ତେଣୁ ଇଥାନଲ ଉତ୍ପାଦନ ଭାରତରେ ଜଳ ସଙ୍କଟ ବୃଦ୍ଧି କରିବ ବୋଲି କୁହାଯାଉଛି । ଏହା ବ୍ୟତୀତ ଇଥାନଲ ସମ୍ପର୍କିତ କୃଷି କାର୍ଯ୍ୟରେ ବହୁଳ ରାସାୟନିକ ସାର ଓ କୀଟନାଶକ ବ୍ୟବହାର ଫଳରେ ପରିବେଶ ପ୍ରଦୂଷଣ ବୃଦ୍ଧି ପାଇବ । ଇଥାନଲ ଶିଳ୍ପରୁ ପ୍ରଚୁର ବର୍ଜ୍ୟ ଜଳ ନିର୍ଗତ ହେଉଥିବାରୁ ତାହା ଭୂତଳ ଜଳ ପ୍ରଦୂଷଣରେ ସହାୟକ ହେବ । ଏହା ବ୍ୟତୀତ ଇ-୨୦ ପେଟ୍ରୋଲର ଦହନ ଫଳରେ ବିଷାକ୍ତ ଫର୍ମାଲଡିହାଇଡ ଓ ଏସିଟାଲଡିହାଇଡର ନିର୍ଗମନ ବୃଦ୍ଧି ପାଉଥିବାରୁ ତାହା ବାୟୁର ମାନ ହ୍ରାସ କରିବ ବୋଲି ଆଶଙ୍କା ପ୍ରକାଶ ପାଇଛି । ■



ହାଉସିଂ ବୋର୍ଡ କଲୋନୀ
ଗୁରୁଜଙ୍ଗ, ଖୋର୍ଦ୍ଧା-୭୫୨୦୫୫
ମୋ: ୭୦୦୮ ୬୬୨୩୪୧

# ଇଥାନଲ୍ ବିବାଦ

**କେନ୍ଦ୍ର ସରକାରଙ୍କ ଦ୍ୱାରା ଦେଶରେ ୨୦ ପ୍ରତିଶତ ଇଥାନଲ ମିଶ୍ରିତ ପେଟ୍ରୋଲ ବା ଇ-୨୦କୁ ବାଧ୍ୟତାମୂଳକ କରାଯିବା ନିଷ୍ପତ୍ତି ଯୋଗୁଁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି । ମୁଖ୍ୟତଃ ପେଟ୍ରୋଲରେ ଇଥାନଲ ମିଶିବା ଦ୍ୱାରା ଗାଡ଼ି ଖରାପ ହେବା ତଥା ଏହାର ମାଇଲେଜ କମ୍ ହେବା ନେଇ ଲୋକେ ଅଭିଯୋଗ କରି ଚାଲିଛନ୍ତି । ଫଳରେ ଇଥାନଲକୁ ନେଇ ଏବେ ବିବାଦ ଜୋର୍ ଧରିଛି । ତେବେ ଇଥାନଲ ବିରୋଧ ପଛର କାରଣ କ'ଣ ହୋଇପାରେ, ତାହାକୁ ନେଇ ଏହି ବିଶେଷ ଉପସ୍ଥାପନା ।**

## ଜୈବ ଇନ୍ଧନ

ଇଥାନଲ ଏକପ୍ରକାରର ଜୈବ ଇନ୍ଧନ । ଏହାକୁ ଆଖୁ ରସ, ଗୁଡ଼, ମକା, ଖରାପ ବା ନଷ୍ଟ ହୋଇଯାଇଥିବା ଚାଉଳ ତଥା ଅନ୍ୟ ଅତିରିକ୍ତ କୃଷି ଉତ୍ପାଦରୁ ପ୍ରସ୍ତୁତ କରାଯାଏ । ଭାରତରେ ପେଟ୍ରୋଲରେ ଇଥାନଲ ମିଶାଇବାର ପରମ୍ପରା ପରୀକ୍ଷାମୂଳକ ଭାବେ ୨୦୦୧ ମସିହାରେ ଆରମ୍ଭ କରାଯାଇଥିଲା । ହେଲେ ଔପଚାରିକ ଭାବେ ଇଥାନଲ ବ୍ଲେଣ୍ଡେଡ ପେଟ୍ରୋଲ କାର୍ଯ୍ୟକ୍ରମକୁ ୨୦୦୩ ମସିହା ଜାନୁଆରିରେ ଲଞ୍ଚ୍ କରାଯାଇଥିଲା । ଏହାର ମୂଳ ଉଦ୍ଦେଶ୍ୟ ଥିଲା ଆମଦାନୀ ହେଉଥିବା ଅଶୋଧିତ ତୈଳ ଉପରେ ଦେଶର ନିର୍ଭରତା ହ୍ରାସ କରିବା ଏବଂ ସହରରେ ବୃଦ୍ଧି ପାଉଥିବା ବାୟୁ ପ୍ରଦୂଷଣକୁ ରୋକିବା ।




## ସ୍ୱଦେଶୀ ଇନ୍ଧନକୁ ପ୍ରାଥମିକତା

ଭାରତ ଆବଶ୍ୟକତା ଅନୁସାରେ ୮୫ ପ୍ରତିଶତରୁ ୮୮ ପ୍ରତିଶତ ଅଶୋଧିତ ତୈଳ ଅନ୍ତର୍ଜାତୀୟ ବଜାରରୁ କିଣେ । ଏଥିପାଇଁ ଦେଶକୁ ପ୍ରତିବର୍ଷ ବିପୁଳ ପରିମାଣରେ କୋଟି କୋଟି ଟଙ୍କା ବୈଦେଶିକ ମୁଦ୍ରା ଖର୍ଚ୍ଚ କରିବାକୁ ପଡ଼ିଥାଏ । ଅନ୍ୟପଟେ ବିଶ୍ୱସ୍ତରରେ ହେଉଥିବା ଯୁଦ୍ଧ ସଙ୍କଟ ଯୋଗୁଁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ଅଚାନକ ଆକାଶ ଛୁଆଁ ହୋଇଛି । ଫଳରେ ସିଧାସଳଖ ଭାବେ ଏହାର ଆର୍ଥିକ ଝଟକା ଭାରତର ଅର୍ଥବ୍ୟବସ୍ଥା ଏବଂ ସାଧାରଣ ଜନତାଙ୍କ ପକେଟ୍ ଉପରେ ପଡ଼ିଛି । ଏହି ବିପଦକୁ କମ୍ କରିବା ଲାଗି ସରକାର ସ୍ୱଦେଶୀ ଇନ୍ଧନ ଅର୍ଥାତ୍ ଇଥାନଲ ଆଡକୁ ମୁହାଁଇଛନ୍ତି ।

## ବିଏସ୍-୪ ଗାଡ଼ି ପାଇଁ ଭଲ ନୁହେଁ

୨୦୨୦ ମସିହା ପୂର୍ବରୁ ତିଆରି କରାଯାଇଥିବା ଗାଡ଼ି (ବିଏସ୍-୪, ବିଏସ-୩) ପାଇଁ ଇ-୨୦ ପେଟ୍ରୋଲ ଆଦୌ ଭଲ ନୁହେଁ ବୋଲି କୁହାଯାଉଛି । କାରଣ ଏହି ଗାଡ଼ି ସାଧାରଣ ପେଟ୍ରୋଲ ପାଇଁ ଡିଜାଇନ କରାଯାଇଥିଲା । ଏହି ପୁରୁଣା ଗାଡ଼ିରେ ଇ-୨୦ ପେଟ୍ରୋଲ ବ୍ୟବହାର କରାଯିବାରୁ ମାଇଲେଜ୍‌ରେ ୮ରୁ ୧୦ ପ୍ରତିଶତ ହ୍ରାସ ଦେଖାଯାଇଛି । ଅବଶ୍ୟ ଅଟୋମୋବାଇଲ୍ କମ୍ପାନି ଏହି ଗାଡ଼ିଗୁଡ଼ିକର ଇଞ୍ଜିନି କଂଟ୍ରୋଲ୍ ୟୁନିଟ୍‌ର ସଫ୍ଟୱେର ମାଧ୍ୟମରେ ଅପଡେଟ୍ କରିବାର ପ୍ରୟାସ କରୁଛନ୍ତି । ତେବେ ଏବେ ସୁଦ୍ଧା ଏଥିରେ ସଫଳତା ମିଳି ନାହିଁ । ଇଥାନଲ ହାଇଗ୍ରୋସ୍କୋପିକ୍ ହେବା ହେଉଛି ସବୁଠୁ ବଡ଼ ଦୁର୍ବଳତା । ଏହାର ଅର୍ଥ ଏହା ପରିବେଶରେ ଆର୍ଦ୍ରତାକୁ ବହୁତ ଜଲଦି ନିଜ ଆଡ଼କୁ ଟାଣିଥାଏ । ତେଣୁ ଯାନବାହାନ ଇନ୍ଧନ ପ୍ରଣାଳୀରେ କଳଙ୍କି ସମସ୍ୟା ଏକ ପ୍ରମୁଖ ଚ୍ୟାଲେଞ୍ଜ ଭାବରେ ଉଭା ହୋଇଛି । ସେହିପରି ପେଟ୍ରୋଲକୁ ୧୫-୨୦ ଦିନ ତଥା ମାସକ ପର୍ଯ୍ୟନ୍ତ ଟାଙ୍କିରେ ସ୍ଥିର ଭାବେ ରଖିବା ଅନୁଚିତ । ବାରମ୍ବାର ନୂଆ ପେଟ୍ରୋଲ ପକାଇବା ଦ୍ୱାରା ଇନ୍ଧନ ଲଗାତାର ରିସାଇକଲ୍ ହୋଇଥାଏ, ଏହାସହ ଟାଙ୍କି ଭିତରେ କଳଙ୍କି ଲାଗିବା ଆଶଙ୍କା କମ୍ ହୋଇଥାଏ ।

## ବିଏସ୍୬ ଗାଡ଼ି ପାଇଁ ସୁରକ୍ଷିତ

ମେକାନିକାଲ ଏକ୍ସପର୍ଟଙ୍କ ମତରେ, ଯେଉଁ ଗାଡ଼ି (ବିଏସ୍୬ ଫେଜ୍-୨ ଗାଡ଼ି) ଗୁଡ଼ିକ ୨୦୨୦ ଏପ୍ରିଲ ପରେ ନିର୍ମିତ, ସେସବୁକୁ ପୂରାପୂରି ଇ-୨୦ ମାନଦଣ୍ଡ ଅନୁରୂପରେ ତିଆରି କରାଯାଇଛି । କାର୍ ନିର୍ମାତା କମ୍ପାନି ଏହାର ଇଞ୍ଜିନ ବ୍ଲକ୍, ଫ୍ୟୁଏଲ ଇଞ୍ଜେକଟର୍ସ, ପିଷ୍ଟନ ଏବଂ ବଲ୍‌ବକୁ ଏଭଳି ଭାବେ ଅପଗ୍ରେଡ କରିଛନ୍ତି, ଇଥାନଲ ସେହି ମ୍ୟାଟେରିଆଲକୁ କୌଣସି କ୍ଷତି ପହଞ୍ଚାଇବ ନାହିଁ । ଇଥାନଲ ଯୋଗୁଁ ଗାଡ଼ି ପ୍ରଦର୍ଶନ ଉପରେ କିଛି ନକାରାତ୍ମକ ପ୍ରଭାବ ପଡ଼େ ନାହିଁ । ବିଶୁଦ୍ଧ ପେଟ୍ରୋଲ ତୁଳନାରେ ଇଥାନଲର ଉର୍ଜା କ୍ଷମତା କମ୍ ଥାଏ । ଯାହା ଯୋଗୁଁ ବିଏସ୍୬ ଗାଡ଼ିର ମାଇଲେଜରେ କେବଳ ୩ରୁ ୩.୫ ପ୍ରତିଶତ ହ୍ରାସ ଦେଖାଦିଏ ।





## ପେଟ୍ରୋଲରେ ଇଥାନଲ ମିଶିବା ନୂଆ ନୁହେଁ

ଅନ୍ତର୍ଜାତୀୟ ସ୍ତରରେ ପେଟ୍ରୋଲରେ ଇଥାନଲ ମିଶାଇବା କୌଣସି ନୂଆ ଓ ନିଆରା ପ୍ରୟୋଗ ନୁହେଁ । ବିଶ୍ୱର ଅନେକ ବଡ଼ ବିକଶିତ ଦେଶରେ ସଫଳତା ପୂର୍ବକ ଏହାର ବ୍ୟବହାର କରାଯାଉଛି । ବ୍ରାଜିଲ ୪୦-୫୦ ବର୍ଷ ହେବ ଇଥାନଲ ବ୍ଲେଡିଂ ଉପରେ କାମ କରୁଛି । ଅନ୍ୟପଟେ ପେଟ୍ରୋଲିୟମ ମନ୍ତ୍ରାଳୟ ଅନୁସାରେ, କାର୍ବନ ଡାଇଅକ୍‌ସାଇଡ୍ ଉତ୍ସର୍ଜନ କମ୍ ହୋଇଛି । ଇଥାନଲ ବ୍ୟବହାର ଦ୍ୱାରା ଏବେ ସୁଦ୍ଧା ଦେଶରେ ୮୬୯ ଲକ୍ଷ ମେଟ୍ରିକ୍ ଟନ୍ ଗ୍ରୀନ ହାଉସ୍ ଗ୍ୟାସ୍‌ର ଉତ୍ସର୍ଜନ କମ୍ କରାଯାଇଛି । ୨୦ ପ୍ରତିଶତ ଇଥାନଲ ମିଶ୍ରିତ ପେଟ୍ରୋଲର ଉପଯୋଗ ଦେଶରେ ପୂରାପୂରି ଲାଗୁ ହେବା ଦ୍ୱାରା ପ୍ରତିବର୍ଷ ହେଉଥିବା କାର୍ବନ ଉତ୍ସର୍ଜନରେ ସିଧା ୨୧.୦୪ ଲକ୍ଷ ମେଟ୍ରିକ୍ ଟନ୍ ହ୍ରାସ ପାଇବା ଅନୁମାନ କରାଯାଉଛି । ଦେଶରେ ଇଥାନଲ୍ ମିଶ୍ରିତ ପେଟ୍ରୋଲ୍ (ଇ୨୦) ସମ୍ପର୍କରେ ଚାଲିଥିବା ବିତର୍କ ସମ୍ପୂର୍ଣ୍ଣ ଭିତ୍ତିହୀନ କିମ୍ବା ଗୁଜବ ନୁହେଁ; ବରଂ, ଏହା ପଛରେ ମୁଖ୍ୟ କାରଣ ହେଉଛି ପୁରୁଣା ଯାନର ଯାନ୍ତ୍ରିକ ସୀମା ଏବଂ ଇଥାନଲର ରାସାୟନିକ ପ୍ରକୃତି । ଆଧୁନିକ ବିଏସ୍୬ ଗାଡ଼ି ପାଇଁ ଏହି ଇନ୍ଧନ ସୁରକ୍ଷିତ ହୋଇଥିବା ବେଳେ ପୁରୁଣା ବିଏସ୍ ୪ ଗାଡ଼ି ମାଲିକଙ୍କୁ ଏ ନେଇ ସତର୍କତା ଅବଲମ୍ବନ କରିବା ଜରୁରି ।


## ବିବାଦର କାରଣ



ଇଥାନଲ ଯୋଗୁଁ ବର୍ତ୍ତମାନ ଅନେକ ଲୋକ ପରିବେଶ ସୁରକ୍ଷାଠାରୁ ଅଧିକ ନିଜ ଗାଡ଼ିର କାର୍ଯ୍ୟକ୍ଷମତାକୁ ନେଇ ଚିନ୍ତାରେ ଅଛନ୍ତି । ଯାହାକି ଇଥାନଲକୁ ନେଇ ଦେଖାଦେଇଥିବା ବିବାଦର ଏକ ପ୍ରମୁଖ କାରଣ ଭାବେ ଧରାଯାଇପାରେ । କାରଣ ଇଥାନଲ ମିଶ୍ରିତ ପେଟ୍ରୋଲ ବ୍ୟବହାର କରିବା ଦ୍ୱାରା ଗାଡ଼ିରେ ଛୋଟ ମୋଟ ସମସ୍ୟା ପରିଲକ୍ଷିତ ହେଉଛି । ଇଥାନଲ ପେଟ୍ରୋଲ ଯୋଗୁଁ ଗାଡ଼ିର ଇଞ୍ଜିନ ଅଚାନକ ଗରମ ହୋଇ ଯାଉଥିବା ବେଳେ ମଝି ରାସ୍ତାରେ ଗାଡ଼ି ବନ୍ଦ ହୋଇଯାଉଥିବା ଅଭିଯୋଗ ହେଉଛି । କେବଳ ସେତିକି ନୁହେଁ, ଗାଡ଼ିର ମାଇଲେଜ୍ ହ୍ରାସ ପାଇବା ସହିତ ପିକ୍ ବି ଧିମା ହୋଇଯାଉଛି । ଇଞ୍ଜିନରୁ ଅଜବ ଶବ୍ଦ ମଧ୍ୟ ବାହାରୁଛି । ଏହିପରି ଭାବେ ମାଳ ମାଳ ଅଭିଯୋଗ ସାମ୍ନାକୁ ଆସୁଛି । ପୁଣି ସରକାର ପେଟ୍ରୋଲରେ ଶସ୍ତା ଇଥାନଲ ମିଶାଉଥିବା ବେଳେ ଏହାର ଆର୍ଥିକ ଲାଭ କାହିଁକି ଲୋକଙ୍କୁ ଦିଆଯାଉ ନ ଥିବା ସାଧାରଣ ଲୋକ ପ୍ରଶ୍ନ କରୁଛନ୍ତି । ଲୋକଙ୍କ ମତରେ, ସରକାର ଏହି ଇନ୍ଧନର ଦାମ୍ ଲିଟର ପ୍ରତି ୨୦ ଟଙ୍କା ଶସ୍ତା କରିବା ଦରକାର । ଏହାସହିତ ପେଟ୍ରୋଲ ପମ୍ପରେ ଏ ଲାଗି ଅଲଗା ଫିଲିଂ ନୋଜାଲର ବ୍ୟବସ୍ଥା ହେବା ଦରକାର ବୋଲି ଦାବି କରାଯାଉଛି ।

## ସାମାଜିକ ଗଣମାଧ୍ୟମରେ ଦାବି

ସାମାଜିକ ଗଣମାଧ୍ୟମରେ ଇ-୨୦ ଇନ୍ଧନକୁ ନେଇ ଅନେକ ଦାବି କରାଯାଉଛି । ଅନେକ ଭିଡିଓରେ ଇ-୨୦ ଯୋଗୁଁ ହେଉଥିବା କ୍ଷତିକୁ ଦେଖାଉଛି । ଅନ୍ୟପଟେ ଏଆରଏଆଇ, ଇଣ୍ଡିଆନ ଅଏଲ, ସିୟାମର ଅଧ୍ୟୟନ ଅନୁସାରେ, ଇ-୧୦ ତୁଳନାରେ ଇ-୨୦ ଉପଯୋଗ ଯୋଗୁଁ ମାଇଲେଜ ୨-୬ ପ୍ରତିଶତ ହ୍ରାସ ପାଇପାରେ । ଏପରିକି ମାରୁତି ତୁଳନାରେ ଇ-୨୦ର କମ୍ କ୍ୟାଲୋରିଫିକ୍ ଭାଲ୍ୟୁ ଯୋଗୁଁ ମାଇଲେଜରେ ପ୍ରାୟ ତିନରୁ ୩.୫ ପ୍ରତିଶତ ହ୍ରାସ ଦେଖା ଦେଇପାରେ । ଏହାବାଦ୍ ଏହାକୁ ପୁରୁଣା ଗାଡ଼ିରେ ବ୍ୟବହାର କରାଗଲେ ଇଞ୍ଜିନର ଅନେକ ପାର୍ଟ ପ୍ରଭାବିତ ହେବ । ତେବେ ସରକାରଙ୍କ ମତରେ ଏହି କ୍ଷତି ବଦଳରେ ଗ୍ରାହକଙ୍କୁ ଇଞ୍ଜିନକୁ ଅଧିକ କାର୍ଯ୍ୟକ୍ଷମ କରିପାରୁଥିବା ଇନ୍ଧନ ମିଳିପାରୁଛି । ଏହାସହିତ ପ୍ରଦୂଷଣ କମ୍ ହେଉଛି । ■



# ନୀତି ଅନୀତି ରାଜନୀତି

ଶ୍ରୀବିଦୁର

## ପ୍ରଭାତୀଙ୍କ ତୁଣ୍ଡ ବନ୍ଦ କରିଦେଲେ ପ୍ରଭାସିନୀ



ଆମ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପଦ୍ମ ସରକାରରେ ଜଣେ ଧୁରନ୍ଧର ଯୋଦ୍ଧା । ନିମାପଡ଼ା ଭାଇନା ତାଙ୍କ ପାଇଁ ଭୋଟ ମ୍ୟାନେଜ କରିଦେଲେ । ପାଞ୍ଚ ପାଞ୍ଚ ହଜାର ସୁଭଦ୍ରା ପାଣ୍ଠି ଦେଇ ପୂର୍ବ ସରକାରଙ୍କ ଏସ୍ଏଚ୍ଜି କର୍ମୀଙ୍କୁ ତାଙ୍କ ବିଭାଗର ଅଧିକାରୀମାନେ ମ୍ୟାନେଜ କରି ବର୍ଷକ ଭିତରେ ଲକ୍ଷପତି ଦିଦି କରିଦେଲେ । ପଖାଳ ପର୍ବରେ ତିନିଶହ ବାଉନ ପ୍ରକାରର ବ୍ୟଞ୍ଜନ ସାଙ୍ଗକୁ ବିରିଆନି ବାବଦରେ ତାଙ୍କ ବିଭାଗର ପାଖାପାଖି ଅଢ଼େଇ କୋଟି ଖର୍ଚ୍ଚକୁ ସଚିବ ମ୍ୟାନେଜ କରିଦେଲେ । ମ୍ୟାଡ଼ାମ୍ ଓ ତାଙ୍କ ବିଭାଗ ପାଇଁ ଅନ୍ୟମାନେ ସବୁ କଥା ମ୍ୟାନେଜ କରି ଦେଉଥିବାବେଳେ ଅଙ୍ଗନବାଡ଼ି କର୍ମୀ ପ୍ରଭାସିନୀଙ୍କୁ କେହି ମ୍ୟାନେଜ କରିପାରିଲେ ନାହିଁ । ଜଣେ ସାଧାରଣ ମହିଳା ମ୍ୟାଡ଼ାମଙ୍କ ବିଭାଗ ଓ ବିଭାଗୀୟ କାର୍ଯ୍ୟକଳାପକୁ ଭରପୁର ସମାବେଶରେ ବିବସ୍ତ୍ର କରିଦେଲେ; ଉପମୁଖ୍ୟମନ୍ତ୍ରୀ ମ୍ୟାଡ଼ାମଙ୍କ ତୁଣ୍ଡ ବନ୍ଦ କରିଦେଲେ । ଛଅଟଙ୍କା ଦେଇ ଦଶଟଙ୍କିଆ ଅଣ୍ଡାକୁ ମ୍ୟାନେଜ କରିବାକୁ କୁହାଯାଉଛି, ଛବିଶି ହଜାର ଟଙ୍କାର ବେତନ ନ ଦେଇ ମ୍ୟାନେଜ କରିବାକୁ ପରାମର୍ଶ ମିଳୁଛି ବୋଲି ଉଲ୍ଲେଖ କରି ଡ଼ବଲ ଇଞ୍ଜିନ୍ ସରକାରର କଥିତ ମ୍ୟାନେଜ ବ୍ୟବସ୍ଥାକୁ ପ୍ରଭାସିନୀ ଯେପରି ସମାଲୋଚନା କଲେ, ତାହା କେବଳ ତାଙ୍କର ନୁହେଁ; ରାଜ୍ୟର କୋଟିକୋଟି ମହିଳାଙ୍କ ସ୍ୱର ପରି ମନେ ହେଲା । ମ୍ୟାଡ଼ାମ୍ ଓ ତାଙ୍କ ସରକାର ଏ କଥାକୁ ହେଜନ୍ତୁ । ନ ହେଲେ ପରିବର୍ତ୍ତନ ପାଇଁ ଯେଉଁମାନେ ସରକାର ପରିବର୍ତ୍ତନ କରି ଦେଇଥିଲେ; ସେଇମାନେ ପୁଣି ସମଗ୍ର ବ୍ୟବସ୍ଥାକୁ ପରିବର୍ତ୍ତନ କରିଦେବା ଅସମ୍ଭବ ନୁହେଁ । ■

## ଦାଦାଙ୍କୁ କନ୍ଦେଇ ଦେଲା କନ୍ଦାଗାଡ଼



ଉତ୍ତରରେ ପଦ୍ମ ଦଳର ବଙ୍ଗ ଇଞ୍ଜିନ୍ ଓଡ଼ିଶା ଇଞ୍ଜିନ୍‌କୁ ପଛକୁ ଠେଲି ଉତ୍ତର ଓଡ଼ିଶାର ଶଙ୍ଖାମେଦୀକୁ ପଶ୍ଚିମବଙ୍ଗ ନେଇଗଲାଣି । ଶଙ୍ଖାମୁଦି ନାମରେ ନାମିତ କରି ନିଜ ରାଜ୍ୟ ନକ୍ସାରେ ସ୍ଥାନ ଦେଲାଣି । ଆଉ କେଇଦିନ ପରେ ସୁବର୍ଣ୍ଣରେଖା ନଦୀରୁ ଅଧେ ନେବା ପାଇଁ ପଶ୍ଚିମବଙ୍ଗ ଯୋଜନା କରୁଛି । ଏପଟେ ଦକ୍ଷିଣରେ ଆନ୍ଧ୍ର ସରକାରଙ୍କ ମନ୍ତ୍ରୀ କୋଟିଆ ଗ୍ରାମପଞ୍ଚାୟତରେ ଜନ ସମାବେଶ କରୁଛନ୍ତି, ଅଧିକାରୀମାନେ ଆସି ଜନଗଣନା ଓ ଘରଗଣନା କରୁଥିବା ବି ଦେଖାଯାଉଛି । ଦି' ଦି'ଟା ଆଧାର କାଡର୍, ଦି' ଦି'ଟା ରାସନ କାଡର୍ ଓ ଭୋଟର କାଡର୍ ଧରି କୋଟିଆବାସୀ ବୁଲୁଛନ୍ତି । ସେଆଡ଼କୁ ଆମ ରାଜସ୍ୱ ମନ୍ତ୍ରୀ ସୁରେଶବାବୁଙ୍କ ନିଘା ନାହିଁ । ଜମିଜମା ପ୍ରସଙ୍ଗରେ ଗୁହାରିଆଙ୍କ କଥା ତାଙ୍କ କାନ ଭିତରେ ପଶୁନାହିଁ, ଏପରିକି ଆଗକୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣବେଳେ ତାଙ୍କୁ ଉପମୁଖ୍ୟମନ୍ତ୍ରୀ କରାଯିବ ବୋଲି କିଛି ବୁମଧାରୀଙ୍କ ପ୍ରଚାର ବି ତାଙ୍କୁ ବିମୋହିତ କରିପାରୁ ନାହିଁ । ଝାରସୁଗୁଡ଼ା ଆଡୁ ଉଡ଼ିଉଡ଼ି ଆସୁଥିବା ଟଙ୍କଧରଙ୍କ ବୈଷ୍ଣବାସ୍ତ୍ର, ପାଶୁପତାସ୍ତ୍ରକୁ ସିଏ ସହଜରେ ହଜମ କରି ଦେଉଥିଲେ; ମାତ୍ର କନ୍ଦାଗାଡ଼ରେ ଯାହା ଘଟିଲା, ସେ କଥା ମନେ ପଡ଼ିବାବେଳକୁ ସୁରେଶଙ୍କ ମନ କୁଆଡ଼େ ବିଷଣ୍ଣ ହୋଇ ଯାଉଛି । ସମ୍ବଲପୁର ଅଞ୍ଚଳରେ ସୁରେଶ ସମସ୍ତଙ୍କ ପାଇଁ ଦାଦା ପରିଚୟରେ ପରିଚିତ । ମାତ୍ର ଜୟନାରାୟଣ ଯେପରି ଏକ ନିଜର ଏକ ଅନୁଗାମୀ ଗୋଷ୍ଠୀ ସୃଷ୍ଟି କରିବାକୁ ସକ୍ଷମ ହୋଇଛନ୍ତି; ସୁରେଶ ସେପରି ନିଜସ୍ୱ ଅନୁଗାମୀ ସୃଷ୍ଟି କରିପାରି ନାହାନ୍ତି । ଯଦି ଦାଦା ସେତିକି କରିପାରିଥାଆନ୍ତେ, ଆଜି ହୁଏତ କନ୍ଦାଗାଡ଼ ଘଟଣା ଘଟି ନ ଥାନ୍ତା । ■

## ନମ୍ବର ୱାନ୍ ସ୍ଥାନ ପାଇଁ ଫାଇଟ୍



କେବଳ ଭାଷଣ ନୁହେଁ, ରାଜନୀତିରେ ଭାଷା ମଧ୍ୟ ବେଳେବେଳେ ନେତାଙ୍କ ପରିଚୟ ହୋଇଯାଏ । ଆଲୁ ମନ୍ତ୍ରୀଙ୍କ ପରି ଖଣ୍ଡି ହିନ୍ଦୀ କହୁଥିବା ନେତାଙ୍କ ସଂଖ୍ୟା ପଦ୍ମଦଳରେ ଆଙ୍ଗୁଳିଗଣତି । ଅଧିକାଂଶ ପଦୁଅଁ ନେତା ସେମାନଙ୍କ ଦିଲ୍ଲୀ ନେତାଙ୍କୁ ବୋଧଗମ୍ୟ ହେଉଥିବା ଶୁଦ୍ଧ ହିନ୍ଦୀରେ କଥାବାର୍ତ୍ତା କରିବାକୁ ପସନ୍ଦ କରନ୍ତି । ଏମାନଙ୍କ ମଧ୍ୟରେ ଏକମାତ୍ର ବ୍ୟତିକ୍ରମ ଥିଲେ ସଦର ବିଧାୟକ ପ୍ରକାଶବାବୁ । ଅନର୍ଗଳ ଇଂରାଜୀରେ ସେ ଦେଉଥିବା ଭାଷଣ ଅନେକ ଶୁଣିଛନ୍ତି ଓ ସେଥିପାଇଁ ଦଳର ଅଧିକାଂଶ ନେତା ତାଙ୍କୁ ଇଂରାଜୀ ବିଧାୟକ ଭାବରେ ସମ୍ବୋଧନ କରିଥାଆନ୍ତି । ଏବେ ଶଙ୍ଖ ଶିବିରରୁ ବିତାଡ଼ିତ ଡକ୍ଟର ପ୍ରଭାତ ଯେଉଁ ମୁହୂର୍ତ୍ତଠାରୁ ଗେରୁଆ ଟୋପି ପିନ୍ଧିଲେଣି; ସେବେଠାରୁ କୁଆଡ଼େ ପ୍ରକାଶଙ୍କଠାରୁ ଇଂରାଜୀ ବିଧାୟକ ଉପାଧି ଚାଲିଯିବାର ଆଶଙ୍କା ସୃଷ୍ଟି ହୋଇଛି । ଇଞ୍ଜିନିଅର ପ୍ରକାଶଙ୍କ ଇଂରାଜୀଠାରୁ ଡକ୍ଟର ପ୍ରଭାତଙ୍କ ଇଂରାଜୀ କୁଆଡ଼େ ଆହୁରି ଚମତ୍କାର ବୋଲି କେହିକେହି କହିବା ଆରମ୍ଭ କରିଛନ୍ତି । ଇଂରାଜୀଭାଷୀ ପଦ୍ମ ଦଳ ନେତାଙ୍କ ମଧ୍ୟରେ ଭାଷଣ ଓ ଇଂରାଜୀ ଶବ୍ଦ ପ୍ରୟୋଗକୁ ନେଇ ଆରମ୍ଭ ପ୍ରତିଯୋଗିତାରେ ସଦର ବାବୁ ପ୍ରକାଶ ପଛରେ ପଡ଼ିଯିବା ପରି ମନେ ହେଉଛି । ପ୍ରକାଶବାବୁଙ୍କ ଆନ୍ତର୍ଜାତୀୟସ୍ତରର ଇଂରାଜୀ ଜ୍ଞାନ ଦେଖି ସ୍ୱର୍ଗରେ ସେକ୍ସପିୟର କୁଆଡ଼େ ଚମତ୍କୃତ ହୋଇଥିବା ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ଚାଲିଥିବା ଦେଖିଥିଲୁ, ମାତ୍ର ପ୍ରଭାତଙ୍କ ଇଂରାଜୀ ଶବ୍ଦଜ୍ଞାନ ଶୁଣିବା ପରେ ପ୍ରଖ୍ୟାତ ଇଂରାଜୀ କବି କିଟ୍‌ସ ବି କୁଆଡ଼େ ସମ୍ମୋହିତ । ଏବେ କେବଳ ଫଳାଫଳକୁ ଅପେକ୍ଷା; କିଏ ହେବ ନମ୍ବର ୱାନ ? ■

## କାହାକୁ ପୁତନା କହିଲେ କି ପ୍ରଧାନ?




କାଲ ଠାରୁ କାଲ ମା' ଜାଣେ ବୋଲି ଗୋଟାଏ କଥା ପିଲାଦିନୁ ଆମେ ଶୁଣି ଆସିଛୁ । ପ୍ରେମପକ୍ଷୀମାନେ କୁଆଡ଼େ ଆଖିରେ ଆଖିରେ କଥାଭାଷା ହୁଅନ୍ତି ବୋଲି ଗୋଟାଏ କଥା ବି ପ୍ରଚଳିତ ଅଛି । ସାମାଜିକ ଗଣମାଧ୍ୟମ ଯୁଗରେ ଏ ସବୁ ମୂଲ୍ୟହୀନ । ଗୋଟାଏ ଶବ୍ଦ ପୃଥିବୀ ପ୍ରଳୟ କରିଦେବାକୁ ଯଥେଷ୍ଟ । ଶବ୍ଦ ଯେତେ ସଂକ୍ଷିପ୍ତ ହୁଏ, ତାହାର ବ୍ୟାଖ୍ୟା ସେତେ ବ୍ୟାପକ ହୋଇଯାଏ । ଜଣେ ଗୋଟିଏ ଶବ୍ଦ ଲେଖିଦେଲେ ତାହାକୁ ଶହେ ଜଣ ପଢ଼ିବେ, ହଜାରେ ଜଣ ବ୍ୟାଖ୍ୟା କରିବେ । ପୁରାଣର ପୁତନା କଥା ସମସ୍ତେ ଜାଣନ୍ତି । କଂସ ନିର୍ଦ୍ଦେଶରେ ସ୍ତନରେ ବିଷ ବୋଳି ଗୋପପୁର ଯାଇଥିବା ପୁତନାର କ୍ଷୀର ସହ ଜୀବନ ଶୋଷି ନେଇଥିଲେ କୃଷ୍ଣ । ଏହି ପୌରାଣିକ କଥାଟି କେବଳ ଲୋକଙ୍କ ଧର୍ମୀୟ ଭାବନା ମଧ୍ୟରେ ସୀମିତ ରହି ଆସିଛି । ମାତ୍ର ରାଜଧାନୀର ପଦୁଅଁ ନେତା ଜଗନ୍ନାଥ ଯେବେ ସାମାଜିକ ଗଣମାଧ୍ୟମରେ ପୁତନା କଥା ଉଲ୍ଲେଖ କଲେ, ତାହା ରାଜଧାନୀ ପଦ୍ମ ଶିବିରରେ ସୃଷ୍ଟି କରିଛି ଆଲୋଡ଼ନ । କାହାକୁ ଓ କେଉଁ ଉଦ୍ଦେଶ୍ୟରେ ଜଗନ୍ନାଥ ଆକସ୍ମିକ ଭାବରେ ପୁତନା ଚରିତ୍ରର ଉନ୍ମୋଚନ କଲେ; ତାହା ରାଜଧାନୀ ରାଜନୀତିରେ ରୁଚି ରଖିଥିବା ଲୋକମାନଙ୍କୁ ଆଉ ଅଜଣା ନାହିଁ । ଗୋଟିଏ ସପ୍ତାହ ମଧ୍ୟରେ ରାଜଧାନୀରେ ଘଟିଥିବା ଦୁଇତିନିଟି ଘଟଣାକୁ ଦେଖିଲେ ଜଗନ୍ନାଥ ଓ ଷଡ଼ଙ୍ଗୀ ମ୍ୟାଡ଼ାମ୍‌ଙ୍କ ମଧ୍ୟରେ ବଢୁଥିବା ଫାଟ ଯେ ଆଉ ଫେବିକ୍ୱିକ୍ ବା ଫେବିକଲ ଦ୍ୱାରା ଯୋଡ଼ିହେବ, ସେ କଥା ଆଉ କେହି ଆଶା ରଖୁନାହାନ୍ତି । ଏହି ସବୁସ୍ଥାନରେ ମ୍ୟାଡ଼ାମ୍ ଯେଉଁ ପରୋକ୍ଷ ବାର୍ତ୍ତା ଦେଇଛନ୍ତି; ପୁତନା ପ୍ରକରଣ ତାହାର ପ୍ରତିକ୍ରିୟା କି ନୁହେଁ, ସେ କଥା ଆମେ କହିପାରିବୁ ନାହିଁ । ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ । ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମ୍ଭର ଉଦ୍ଦେଶ୍ୟ ନୁହେଁ । ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ ।



ଡ଼ ମାୟାଧର ସ୍ୱାଇଁ




# ଇଥାନଲ୍ ମିଶ୍ରିତ ପେଟ୍ରୋଲ

# ଲାଭ ଓ ଆଶଙ୍କା

ଚଳିତ ବର୍ଷ ଅପ୍ରେଲ ଆରମ୍ଭରୁ ସମଗ୍ର ଦେଶରେ ଇ୨୦ ପେଟ୍ରୋଲ ବ୍ୟବହୃତ ହେଉଛି । ଏହା ହେଉଛି ସାଧାରଣ ପେଟ୍ରୋଲ ଓ ଇଥାନଲର ମିଶ୍ରଣ । ଏଥିରେ ୨୦ ପ୍ରତିଶତ ଇଥାନଲ ଓ ୮୦ ପ୍ରତିଶତ ପେଟ୍ରୋଲ ଅଛି । ଯାନବାହନରେ ପେଟ୍ରୋଲ ପରିମାଣ ହ୍ରାସ କରିବା ହେଉଛି ଏହାର ଉଦ୍ଦେଶ୍ୟ । ଇଥାନଲ ମିଶ୍ରିତ ପେଟ୍ରୋଲ ବ୍ୟବହାର କରିବାର ଧାରଣା ସରକାରଙ୍କର ନୂଆ ନୁହେଁ, ପେଟ୍ରୋଲରେ ଇଥାନଲ ମିଶ୍ରଣ ପାଇଁ କେନ୍ଦ୍ର ସରକାର ୨୦୨୩ ମସିହାରେ ନିଷ୍ପତ୍ତି ନେଇଥିଲେ । ଅନେକ ଜାଣି ନଥିବେ ଯେ ସେହି ବର୍ଷରୁ ଇ୧୦ ପେଟ୍ରୋଲ ବ୍ୟବହୃତ ହୋଇ ଆସୁଥିଲା । ୨୦୩୦ ମସିହା ସୁଦ୍ଧା ଇ୨୦ ପେଟ୍ରୋଲର ବ୍ୟବହାର ପାଇଁ ସରକାର ନିଷ୍ପତ୍ତି ନେଇଥିଲେ । ମାତ୍ର ଇରାନ ଓ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟରେ ଯୁଦ୍ଧ ହେବାରୁ ହର୍ମୁଜ ପ୍ରଣାଳୀ ଦେଇ ଭାରତକୁ ପେଟ୍ରୋଲିୟମ ତୈଳ ଆସିବାରେ ଅସୁବିଧା ହେଲା । ଏହି ପ୍ରଣାଳୀ ଦେଇ ଭାରତକୁ ଆମଦାନୀ ହେଉଥିବା ତୈଳର ପ୍ରାୟ ୮୦ ପ୍ରତିଶତ ଆସିଥାଏ । ଏଣୁ ଜରୁରି ପରିସ୍ଥିତି ଆକଳନ କରି ସରକାର ଦେଶରେ ଉଦ୍ଦିଷ୍ଟ ବର୍ଷର ପାଞ୍ଚ ବର୍ଷ ପୂର୍ବରୁ ଇ୨୦ ପେଟ୍ରୋଲ ବ୍ୟବହାରକୁ ବାଧ୍ୟତାମୂଳକ କଲେ ।

## ଇ ୨୦ ପେଟ୍ରୋଲର ଲାଭ

ଇ୨୦ ପେଟ୍ରୋଲର ବ୍ୟବହାର ଦେଶ ପାଇଁ ଅନେକ ଉପକାର କରିବ । ଏହାଦ୍ୱାରା ପେଟ୍ରୋଲିୟମ ତୈଳ ଆମଦାନୀ ହ୍ରାସ ପାଇବ । ଫଳରେ ଦେଶର ବୈଦେଶିକ ପୁଞ୍ଜି ସଞ୍ଚୟ ହୋଇପାରିବ । ପୃଥିବୀର ଭୂରାଜନୈତିକ ଦୃଷ୍ଟିରୁ ଆମକୁ ଅନ୍ୟ ଦେଶ ଉପରେ ଥିବା ନିର୍ଭରଶୀଳତା ହ୍ରାସ ପାଇବ । ରୁଷିଆ ଓ ୟୁକ୍ରେନ୍ ଯୁଦ୍ଧ ହେଉ କିମ୍ବା ଇରାନ-ଯୁକ୍ତରାଷ୍ଟ୍ର ଆମେରିକା ଯୁଦ୍ଧ ହେଉ, ଏହା ସର୍ବଦା ଆମର ତୈଳ ଆମଦାନୀରେ ବାଧା ପହଞ୍ଚାଇଛି । ଇ୨୦ ପେଟ୍ରୋଲର ଅନ୍ୟ ଏକ ଉପକାର ହେଉଛି ପରିବେଶଗତ । ପେଟ୍ରୋଲ ଦହନ ଅପେକ୍ଷା ଇଥାନଲ ଦହନରେ କମ୍ ପରିମାଣର କାର୍ବନ ମନୋକସାଇଡ୍ ଓ ଅଙ୍ଗାରକାମ୍ଳ ଗ୍ୟାସ୍ ନିର୍ଗତ ହୋଇଥାଏ । ପ୍ୟାରିସ୍ ରାଜିନାମା ଅନୁଯାୟୀ ବାୟୁମଣ୍ଡଳକୁ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ ପାଇଁ ଭାରତ ହେଉଛି ସଂକଳ୍ପବଦ୍ଧ । ୨୦୭୦ ମସିହା ସୁଦ୍ଧା ନେଟ୍ ଶୂନ୍ କାର୍ବନ ଉତ୍ସର୍ଜନ ପାଇଁ ଭାରତ ଘୋଷଣା କରିଛି । ଏଣୁ ଇ୨୦ ପେଟ୍ରୋଲ ବ୍ୟବହାର ଏଥିରେ କିଛି ସହାୟତା କରିବ ।

ଗାଡ଼ିର ଇଞ୍ଜିନର କାର୍ଯ୍ୟ ପାଇଁ ଶୁଦ୍ଧ ପେଟ୍ରୋଲ ଅପେକ୍ଷା ଇଥାନଲ ମିଶ୍ରିତ ପେଟ୍ରୋଲ ହେଉଛି ଉତ୍କୃଷ୍ଟତର । ଇ୨୦ ପେଟ୍ରୋଲର ଅକ୍ଟେନ ସଂଖ୍ୟା ୯୫ ହୋଇଥିବା ବେଳେ ଶୁଦ୍ଧ ପେଟ୍ରୋଲର ଏହା ହେଉଛି ୯୧ରୁ ୯୨ ମଧ୍ୟରେ । ଅକ୍ଟେନ ସଂଖ୍ୟା ଅଧିକ ହେଲେ ଇଞ୍ଜିନରେ ଇନ୍ଧନର ଦହନ ଉତ୍ତମ ହେବ । ସୂଚନାଯୋଗ୍ୟ ଯେ ଶୁଦ୍ଧ ଇଥାନଲର ଅକ୍ଟେନ ସଂଖ୍ୟା ହେଉଛି ୧୦୮ ।

ଇ୨୦ ପେଟ୍ରୋଲ ବ୍ୟବହାରର ଅନ୍ୟ ଏକ ଉପକାର ହେଉଛି ଯେ ଏହାଦ୍ୱାରା ଦେଶର କୃଷକ ସମାଜ ଲାଭବାନ ହେବେ । ସାଧାରଣତଃ ଆଖୁ, ମକା ଓ ଅନ୍ୟ ଖାଦ୍ୟଶସ୍ୟରୁ ଏହା ଉତ୍ପାଦନ କରାଯାଏ । ଏଣୁ ଏହାକୁ ଚାଷ କରି କୃଷକମାନେ ଉପକୃତ ହେବେ । ଏପରିକି ଉତ୍ତରପ୍ରଦେଶ ଓ ମହାରାଷ୍ଟ୍ରର ଆଖୁ ଚାଷୀମାନେ ପେଟ୍ରୋଲରେ ଆହୁରି ଅଧିକ ପରିମାଣର ଇଥାନଲ ମିଶାଇବା ପାଇଁ ଦାବି କରୁଛନ୍ତି । କାରଣ ସେମାନେ ଉତ୍ପାଦନ କରୁଥିବା ସମସ୍ତ ଆଖୁ ବିକ୍ରି ହୋଇ ପାରୁନାହିଁ । ଅନ୍ୟ ଏକ ଉଦାହରଣ ଦେଖିବା ସରକାର ଧାନ କ୍ରୟର ସର୍ବନିମ୍ନ ମୂଲ୍ୟ ବୃଦ୍ଧି କରିବା ପରେ ଦେଶରେ ଅଧିକ ଧାନଚାଷ ହେଉଛି । ୨୦୨୫-୨୬ ମସିହାରେ ଭାରତରେ ୧୫୪ ନିୟୁତ ଟନ୍ ଧାନ ଉତ୍ପାଦିତ ହୋଇଥିଲା ଏବଂ ଏହା ହେଉଛି ପୃଥିବୀରେ ପ୍ରଥମ ଦେଶ । ଭାରତ ବିଦେଶକୁ ଚାଉଳ ରପ୍ତାନି କରିବା ଏବଂ ମାଗଣା ଚାଉଳ ବଣ୍ଟନ କରିବା ପରେ ମଧ୍ୟ ଭାରତ ଖାଦ୍ୟ ନିଗମ ପାଖରେ ପ୍ରଚୁର ଚାଉଳ ବଳୁଛି । ଏପରିକି ଅଧିକ ଚାଉଳ ରଖିବା ପାଇଁ ଜାଗାର ଅଭାବ ହେଉଛି । ଏଣୁ ଭଙ୍ଗା ଚାଉଳକୁ ଇଥାନଲ ଉତ୍ପାଦନରେ ବ୍ୟବହାର କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି । ୨୦୨୫-୨୬ ଆର୍ଥିକ ବର୍ଷରେ ପ୍ରାୟ ପାଞ୍ଚ ନିୟୁତ ମେଟ୍ରିକ ଟନ୍ ଚାଉଳ ଇଥାନଲ ଉତ୍ପାଦନରେ ବ୍ୟବହୃତ ହୋଇଛି ।

## ବ୍ରାଜିଲ୍ ମଡେଲ୍

ପେଟ୍ରୋଲରେ ଇଥାନଲ ମିଶ୍ରଣ କରିବାରେ ବ୍ରାଜିଲ୍ ହେଉଛି ସବୁଠୁ ଆଗୁଆ । ୧୯୭୦ ଦଶକରେ ପୃଥିବୀରେ ତୈଳ ସଙ୍କଟ ସୃଷ୍ଟି ହେବାରୁ ବ୍ରାଜିଲ ଏହି ପଦକ୍ଷେପ ନେଇଥିଲା । ପୁନଶ୍ଚ ସେଠାରୁ ପ୍ରଚୁର ପରିମାଣର ଆଖୁ ଚାଷ ହେଉଥିବାରୁ ଇଥାନଲ ମୂଲ୍ୟ କମ୍ ହୋଇଥାଏ । ବ୍ରାଜିଲରେ ୧୯୩୧ ମସିହାରୁ ଇ୫ ପେଟ୍ରୋଲ ବ୍ୟବହୃତ ହେଉଛି । ୧୯୭୫ ମସିହା ପରେ ଇଥାନଲ ପରିମାଣ କ୍ରମଶଃ ବୃଦ୍ଧି କରି ବର୍ତ୍ତମାନ ୨୭ରୁ ୩୦ ପ୍ରତିଶତ ଇଥାନଲ ମିଶ୍ରିତ ପେଟ୍ରୋଲ ବ୍ୟବହୃତ ହେଉଛି । ଏହି ସମୟ ମଧ୍ୟରେ ସେଠାରେ ମୋଟରଗାଡ଼ି ନିର୍ମାତାମାନେ ଗବେଷଣା ଦ୍ୱାରା ଇଥାନଲ ମିଶ୍ରିତ ପେଟ୍ରୋଲ ପାଇଁ ଗାଡ଼ିର ଡିଜାଇନ୍ କରିଛନ୍ତି । ଏପରିକି କେବଳ ଇଥାନଲ ଇନ୍ଧନ ପାଇଁ ମଧ୍ୟ ଗାଡ଼ି ଡିଜାଇନ୍ ହୋଇଛି । ଆମ ଦେଶରେ ଏଥିପାଇଁ ଗାଡ଼ି ନିର୍ମାତାମାନଙ୍କୁ ସମୟ ଦେବାକୁ ପଡ଼ିବ । ପୁନଶ୍ଚ ବ୍ରାଜିଲରେ ଏପରି ଗାଡ଼ିର ଡିଜାଇନ ଓ ନିର୍ମାଣ କରାଯାଇଛି ଯାହା ବିଭିନ୍ନ ପ୍ରତିଶତର ଇଥାନଲ ମିଶ୍ରିତ ପେଟ୍ରୋଲରେ ବିନା ଅସୁବିଧାରେ ଚାଲିପାରିବ । ଏପରିକି ସେଠାରେ ପେଟ୍ରୋଲ କିମ୍ବା ଶୁଦ୍ଧ ଇଥାନଲ ଇନ୍ଧନ ନେବା ପାଇଁ ବିକଳ୍ପ ବ୍ୟବସ୍ଥା ଅଛି ।

## ଆହ୍ୱାନ

ବର୍ତ୍ତମାନ ଲୋକମାନେ ଇ-୨୦ ପେଟ୍ରୋଲ ବ୍ୟବହାରରେ ଅଭ୍ୟସ୍ତ ହୋଇଗଲେଣି । ଗାଡ଼ିଗୁଡ଼ିକର ଯନ୍ତ୍ରାଂଶ ଉପରେ ଏହାର ପ୍ରଭାବ ଏତେ ଶୀଘ୍ର ଜଣା ପଡ଼ି ନାହିଁ । ଏହି ସମୟରେ ସରକାର ଇ-୨୫ ପେଟ୍ରୋଲ ବ୍ୟବହାର ପାଇଁ ନୀତିଗତ ନିଷ୍ପତ୍ତି ନେଇଛନ୍ତି । ସରକାର ମଧ୍ୟ 'କେନ୍ଦ୍ରୀୟ ମୋଟରଗାଡ଼ି ଆଇନ'ରେ ସଂଶୋଧନ ପାଇଁ ଏକ ପ୍ରସ୍ତାବ ଆଣିଛନ୍ତି । ଏଥିରେ ଇ୮୫ ପେଟ୍ରୋଲ ଏବଂ ଇ୧୦୦ ଇନ୍ଧନ ଅର୍ଥାତ୍ ପୂର୍ଣ୍ଣମାତ୍ରାରେ ଇଥାନଲ ବ୍ୟବହାର ପାଇଁ ଚିଠା ପ୍ରସ୍ତାବ ଆଗତ କରାଯାଇଛି । ସରକାର ମଧ୍ୟ ଗତ ମାସରେ ୨୨ରୁ ୩୦ ପ୍ରତିଶତ ଇଥାନଲ ମିଶ୍ରିତ ପେଟ୍ରୋଲ ଉପରୁ କେନ୍ଦ୍ରୀୟ ଅବକାରୀ ଶୁଳ୍କକୁ ପ୍ରତ୍ୟାହାର କରିଛନ୍ତି । ମାତ୍ର ବିଭିନ୍ନ ମହଲରୁ ବିରୋଧ ହେବା ପରେ ସରକାର ବର୍ତ୍ତମାନ ଇ୨୦ ପେଟ୍ରୋଲରେ ସୀମିତ ରହିଛନ୍ତି । ଇ୧୦ରୁ ଇ୨୦ ପେଟ୍ରୋଲକୁ ଯିବା ପାଇଁ ୨୦୩୦ ମସିହା ଧାର୍ଯ୍ୟ କରାଯାଇଥିଲେ ସୁଦ୍ଧା ଉପସାଗରୀୟ ଯୁଦ୍ଧ କାରଣରୁ ସରକାର ଏହାକୁ ଚଳିତ ବର୍ଷ କାର୍ଯ୍ୟକାରୀ କଲେ । ଏଣୁ ମୋଟର ବ୍ୟବହାରକାରୀ ଓ ନିର୍ମାତାମାନେ ଏଥିପାଇଁ ପ୍ରସ୍ତୁତ ନ ଥିଲେ । ଏହି ସମୟରେ ଏହାକୁ ଇ୨୫କୁ ବୃଦ୍ଧି ପ୍ରସ୍ତାବ ନିଶ୍ଚିତ ଭାବରେ ସେମାନଙ୍କୁ ଭୟଭୀତ କରିବ ।

## ଆଶଙ୍କା

ଇଥାନଲ ମିଶ୍ରିତ ପେଟ୍ରୋଲର ଅନେକ ଲାଭ ଥିଲେ ସୁଦ୍ଧା ଏହାଦ୍ୱାରା ସମ୍ଭାବ୍ୟ ଅସୁବିଧାକୁ ନେଇ ଲୋକମାନଙ୍କ ମନରେ ଆଶଙ୍କା ଦେଖାଦେଇଛି । ଇଥାନଲର କ୍ୟାଲୋରୀୟ ମୂଲ୍ୟ ହେଉଛି ପେଟ୍ରୋଲଠାରୁ କମ୍ । ଏଣୁ ଗାଡ଼ିର ନିର୍ମାଣ ବର୍ଷ ଅନୁଯାୟୀ ଏହାର ମାଇଲେଜ ୫ ରୁ ୧୨ ପ୍ରତିଶତ ହ୍ରାସ ପାଇପାରେ । ଇଥାନଲ ମିଶ୍ରିତ ପେଟ୍ରୋଲ ବ୍ୟବହାର କଲେ ପୁରୁଣା ଗାଡ଼ିଗୁଡ଼ିକର ରବର ଅଂଶ ଓ ଗାସ୍କେଟଗୁଡ଼ିକ ଶୀଘ୍ର ନଷ୍ଟ ହୋଇପାରେ । ପୁନଶ୍ଚ ଇଥାନଲରେ ଅଧିକ ଜଳୀୟ ଅଂଶ ଥିବାରୁ ଏହା ଲୁହା ଇନ୍ଧନ ପାଇପ୍, ଇନ୍ଧନ ଟାଙ୍କି ଓ କାରବୁରେଟରରେ ସଂକ୍ଷରଣ ଘଟାଇଥାଏ । କିନ୍ତୁ ସରକାର ଇଥାନଲ ମିଶ୍ରିତ ପେଟ୍ରୋଲ ବ୍ୟବହାର ପାଇଁ ୨୦୨୩ ମସିହାରେ ଘୋଷଣା କରିଥିବାରୁ ଏହାପରେ ନିର୍ମିତ ଗାଡ଼ିଗୁଡ଼ିକ ଏହାଦ୍ୱାରା ପ୍ରଭାବିତ ହେବ ନାହିଁ । ପେଟ୍ରୋଲରେ ଅଧିକ ପରିମାଣର ଇଥାନଲ ମିଶାଇଲେ ଦେଶରେ ଇଥାନଲ ଉତ୍ପାଦନକୁ ବୃଦ୍ଧି କରିବାକୁ ପଡ଼ିବ । ରାସାୟନିକ ଔଷଧ ଓ ପାନୀୟ ଶିଳ୍ପଗୁଡ଼ିକରେ ଇଥାନଲ କଞ୍ଚାମାଲ ହିସାବରେ ବ୍ୟବହୃତ ହୁଏ । ଏହି ଶିଳ୍ପଗୁଡ଼ିକକୁ ଇଥାନଲ ଯୋଗାଇବା ପାଇଁ ଭାରତ ବାହାରୁ ମକା ଆମଦାନୀ କରୁଛି । ବର୍ତ୍ତମାନ ଅଧିକ ପରିମାଣର ଇଥାନଲ ଆମଦାନୀ କରିବାକୁ ପଡ଼ିପାରେ ।

ଇନ୍ଧନରେ ଅଧିକ ଇଥାନଲ ମିଶ୍ରଣ କରିବା ଦ୍ୱାରା ଶୀତଦିନ ସକାଳେ ସାଧାରଣ ଆଭ୍ୟନ୍ତରୀଣ ଦହନ ଇଞ୍ଜିନ ଗାଡ଼ିଗୁଡ଼ିକ ଷ୍ଟାର୍ଟ କରିବାରେ ଅସୁବିଧା ହୁଏ ।



ମୋଟ ଉପରେ କହିଲେ ଇଥାନଲ ମିଶ୍ରିତ ପେଟ୍ରୋଲ ବ୍ୟବହାର ଦେଶର ଅର୍ଥନୀତି ଓ ଶକ୍ତି ସୁରକ୍ଷାକୁ ସୁଦୃଢ଼ କରିବ । ମାତ୍ର ତରବର ନ ହୋଇ ଆମକୁ ଧୀରେ ଧୀରେ ଅଗ୍ରସର ହେବାକୁ ପଡ଼ିବ । ଏହାଫଳରେ ମୋଟର ନିର୍ମାତାମାନେ ଗାଡ଼ିର ବିକାଶ ପାଇଁ ସମୟ ପାଇବେ ଏବଂ ଗାଡ଼ି ମାଲିକମାନେ ମଧ୍ୟ ଅଭ୍ୟସ୍ତ ହୋଇଯିବେ । ■

ସମ୍ପାଦକ, ସାଇନ୍ସ ହୋରିଜନ
୭୦, ଲକ୍ଷ୍ମୀବିହାର, ଫେଜ ୧, ଭୁବନେଶ୍ୱର- ୭୫୧୦୧୮
ମୋ: ୯୪୩୮ ୬୯୩୭୨୪

## କେମିତି କଟିବ ସପ୍ତାହ

**ମେଷ** ରବି, ସୋମବାରରେ ପରିବାରରେ ସମସ୍ୟା ସୃଷ୍ଟି ହୋଇପାରେ । ମଙ୍ଗଳ, ବୁଧବାରରେ କାର୍ଯ୍ୟ ପୂରଣ ହେବ । ସନ୍ତାନସନ୍ତତିଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି । ଗୁରୁ, ଶୁକ୍ରବାରରେ କର୍ମକ୍ଷେତ୍ରରେ ଅଧିକ ପରିଶ୍ରମ କରିବାକୁ ପଡ଼ିପାରେ । ଶନିବାରରେ ଆର୍ଥିକ ସ୍ଥିତିରେ ସ୍ୱଚ୍ଛଳତା ରହିବ ।

**ବୃଷ** ରବି, ସୋମବାରରେ ପରଚର୍ଚ୍ଚାରୁ ଦୂରେଇ ରୁହନ୍ତୁ । ମଙ୍ଗଳ, ବୁଧବାରରେ ନିଜ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଅନ୍ୟ ଉପରେ ନିର୍ଭରଶୀଳ ହେବେ । ଗୁରୁ, ଶୁକ୍ରବାରରେ ପ୍ରଗତିର ଗତିରୋଧ ଦେଖାଦେବ । ଶନିବାରରେ ବ୍ୟବସାୟ ପ୍ରସାର ପାଇଁ ସାଙ୍ଗସାଥୀଙ୍କ ସହଯୋଗ ପାଇବେ ।

**ମିଥୁନ** ରବି, ସୋମବାରରେ ନିଜ ଲକ୍ଷ୍ୟରେ ଧ୍ୟାନ କେନ୍ଦ୍ରିତ କରିବେ । ମଙ୍ଗଳ, ବୁଧବାରରେ ତରବରିଆ ଭାବରେ ନିଷ୍ପତ୍ତି ନେବାରୁ ଦୂରେଇ ରୁହନ୍ତୁ । ଗୁରୁ, ଶୁକ୍ରବାରରେ ମାନସମ୍ମାନ ବୃଦ୍ଧି, ବ୍ୟବସାୟରେ ଲାଭ । ଶନିବାରରେ ପରିବାରଠାରୁ ଆର୍ଥିକ ସହଯୋଗ ପାଇବେ ।

**କର୍କଟ** ରବି, ସୋମବାରରେ କର୍ମକ୍ଷେତ୍ରରେ ନିଜର ପରାକ୍ରମ ଦେଖାଇବେ । ମଙ୍ଗଳ, ବୁଧବାରରେ, ଗୁରୁଜନଙ୍କ ଆଶୀର୍ବାଦ ଲାଭ କରିବେ । ବ୍ୟବସାୟରେ ଲାଭାନ୍ୱିତ ହେବେ । ଗୁରୁ, ଶୁକ୍ରବାରରେ ବିଭିନ୍ନ କ୍ଷେତ୍ରରେ ଭାଗ୍ୟ ଉଦୟ ହୋଇପାରେ । ଶନିବାରରେ ବିଦେଶଭ୍ରମଣ ଯୋଗ ରହିଛି ।

**ସିଂହ** ରବି, ସୋମବାରରେ ବିଭିନ୍ନ ପ୍ରକାରର ସମସ୍ୟା ଦେଇ ଗତି କରିବେ । ମଙ୍ଗଳ, ବୁଧବାରରେ ଶାରୀରିକ ଅସୁସ୍ଥତା ପାଇଁ ଖର୍ଚ୍ଚାନ୍ତରେ ପଡ଼ିଯାଇପାରନ୍ତି । ଗୁରୁ, ଶୁକ୍ରବାରରେ ମହିଳାମାନେ ଶତ୍ରୁମାନଙ୍କ କୂଟଚକ୍ରାନ୍ତର ଶିକାର ହେବେ । ଶନିବାରରେ ଛାତ୍ରଛାତ୍ରୀ ପରିଶ୍ରମର ଫଳ ପାଇବେ ।

**କନ୍ୟା** ରବି, ସୋମବାରରେ ସକାରାତ୍ମକ ଚିନ୍ତା ରଖି ଆଗକୁ ବଢ଼ିବେ । ମଙ୍ଗଳ, ବୁଧବାରରେ ନୂତନ ନିଯୁକ୍ତି ସୁଯୋଗ ରହିଛି । ଗୁରୁ, ଶୁକ୍ରବାରରେ ଅର୍ଥପ୍ରାପ୍ତିର ଯୋଗ ରହିଛି । ଶନିବାରରେ ନିଜ ବୁଦ୍ଧି ବଳରେ ସଫଳତା ପାଇବେ ।

**ତୁଳା** ରବି, ସୋମବାରରେ ଜୀବନରେ ଅକସ୍ମାତ୍ ପରିବର୍ତ୍ତନ ପରିଲକ୍ଷିତ ହେବ । ମଙ୍ଗଳ, ବୁଧବାରରେ ସହକର୍ମୀଙ୍କ କୂଟ ଚକ୍ରାନ୍ତରେ ପଡ଼ିଯାଇପାରନ୍ତି । ଗୁରୁ, ଶୁକ୍ରବାରରେ ଧାର୍ମିକ ଚିନ୍ତାଧାରା ରଖି ଅନ୍ୟକୁ ସାହାଯ୍ୟ କରିବେ । ଶନିବାରରେ ଜୀବନସାଥୀଙ୍କ ସହଯୋଗ ପାଇବେ ।

**ବିଛା** ବିଛା: ରବି, ସୋମବାରରେ ନିଜ ପ୍ରତିଭାକୁ ପ୍ରମାଣିତ କରିବାରେ ଅସଫଳ ହୋଇପାରନ୍ତି । ମଙ୍ଗଳ, ବୁଧବାରରେ ବ୍ୟବସାୟରେ କ୍ଷତି ସହିବାକୁ ପଡ଼ିପାରେ । ଗୁରୁ, ଶୁକ୍ରବାରରେ ମହିଳାମାନେ ଭାବପ୍ରବଣ ହେବେ । ଶନିବାରରେ ସନ୍ତାନସନ୍ତତିଙ୍କ ଚିନ୍ତାରେ ରହିବେ । ପରିବାରର ସହଯୋଗ ପାଇବେ ।

**ଧନୁ** ରବି, ସୋମବାରରେ ନୂତନ ନିଯୁକ୍ତି ସୁଯୋଗ ପାଇପାରନ୍ତି । ମଙ୍ଗଳ, ବୁଧବାରରେ ପରିବାରରେ ଆପଣଙ୍କ କଥାର ମର୍ଯ୍ୟାଦା ରହିବ । ଗୁରୁ, ଶୁକ୍ରବାରରେ ଉଧାର ଦେବାରୁ ଦୂରେଇ ରୁହନ୍ତୁ । ଶନିବାରରେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭାଗନେଇ ସଫଳତା ପାଇବେ ।

**ମକର** ରବି, ସୋମବାରରେ ପୂର୍ବରୁ କରିଥିବା କଠିନ ପରିଶ୍ରମର ଫଳ ପାଇବେ । ମଙ୍ଗଳ, ବୁଧବାରରେ ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ । ଗୁରୁ, ଶୁକ୍ରବାର, ଶନିବାରରେ ଆୟର ନୂତନ ପନ୍ଥା ବାହାରିବ । ଧନ ସମ୍ପତ୍ତି ବୃଦ୍ଧି ପାଇବ ।

**କୁମ୍ଭ** ରବି, ସୋମବାରରେ ବିଭିନ୍ନ କ୍ଷେତ୍ରରୁ ମିଶ୍ରିତ ଫଳ ପାଇବେ । ଶାରୀରିକ ଅସୁସ୍ଥତା ଦେଖାଦେବ । ମଙ୍ଗଳ, ବୁଧବାରରେ କର୍ମକ୍ଷେତ୍ରରେ ଗୁରୁ, ଶୁକ୍ରବାରରେ ଆୟରେ ବାଧା ଉପୁଜିପାରେ । ଶନିବାରରେ ଅତିଥିଙ୍କ ଆଗମନରେ ଆନନ୍ଦିତ ହେବେ ।

**ମୀନ** ରବି, ସୋମବାରରେ କୋର୍ଟକଚେରି ମାମଲାରେ ପଡ଼ିଯାଇପାରନ୍ତି । ମଙ୍ଗଳ, ବୁଧବାରରେ କର୍ମକ୍ଷେତ୍ରରେ ଲାଗି ରହିଥିବା ଅଶାନ୍ତି ଦୂର ହେବ । ଗୁରୁ, ଶୁକ୍ରବାରରେ ପରିବାରବର୍ଗଙ୍କ ସହ ଧାର୍ମିକ ଯାତ୍ରାରେ ଯାଇପାରନ୍ତି । ଶନିବାରରେ ବ୍ୟବସାୟିକ ବିବାଦ ଦେଖାଦେଇପାରେ ।